**ନାଟ୍ୟ ନିର୍ଦ୍ଦେଶକ, ନୃତ୍ୟଶିଳ୍ପୀ ସମ୍ବର୍ଦ୍ଧିତ**



ବରଗଡ଼ ଅଫିସ୍,୨୮।୮: ବରଗଡ଼ର ନାଟ୍ୟ ନିର୍ଦ୍ଦେଶକ ହରିହର ମିଶ୍ର ଏବଂ ନୃତ୍ୟଶିଳ୍ପୀ ସୁଶୀଳା ନାୟାର ଓଡ଼ିଶା ସଙ୍ଗୀତ ଏକାଡ଼େମୀ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଶନିବାର ଉଭୟଙ୍କୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଅଭିନନ୍ଦନ ଜଣାଇଛନ୍ତି। ତେବେ ନାଟ୍ୟ ନିର୍ଦ୍ଦେଶକ ମିଶ୍ର ଅସୁସ୍ଥ ଥିବା ଯୋଗୁ ବିଧାୟକ ଆଚାର୍ଯ୍ୟ ତାଙ୍କ ଘରକୁ ପହଞ୍ଚି ଆଶୁ ଆରୋଗ୍ୟ କାମନା ସହିତ ସମ୍ବର୍ଦ୍ଧନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌଖିନ କଳାକାର ସଂଘ ସମ୍ପାଦକ ପ୍ରଭାସ ମହଲା, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

# ୫୫୦ ବସ୍ତା ୟୁରିଆ ସାର ଜବତ

**ଧରିତ୍ରୀ ପ୍ରଭାବ**

- ସିଲ୍ ହେଲା ଗୋଦାମ
- ଜୁଲାଇ ୧୩ରୁ ମହଜୁଦ ଥିଲା ସାର
- ପଞ୍ଚାୟତ ଇଓଙ୍କ ସମ୍ପୃକ୍ତି ସନ୍ଦେହ

ସମ୍ବଲପୁର/ରେଢ଼ାଖୋଲ ୨୮।୮(ବ୍ୟୁରୋ/ଡି.ଏନ.ଏ.)



ସିଲ୍ ହୋଇଥିବା ଗୋଦାମ।

ସମ୍ବଲପୁର ଜିଲାରେ ୟୁରିଆ ସାର କଳାବଜାର ହେଉଥିବା ନେଇ ଧରିତ୍ରୀରେ ଅଗଷ୍ଟ ୨୬ ତାରିଖରେ ବସ୍ତାକୁ ୬ ଶହ ଟଙ୍କାରେ ବିକ୍ରି ହେଉଥିବା ନେଇ ଖବର ପ୍ରକାଶ ପାଇଥିଲା। ଏହା ପରେ କୃଷି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଚାରମାଲ ଥାନା ରାଶିବେଡା ଗ୍ରାମରେ ଶନିବାର ଚଢାଉ କରି ୫୫୦ ବସ୍ତା ୟୁରିଆ ସାର ଜବତ କରିଛନ୍ତି। ଏହାସହ ସାର ଥିବା ଗୋଦାମ ସିଲ୍ କରିଦେଇଛନ୍ତି। ଚଢାଉ ଖବର ପାଇ ସମ୍ପୃକ୍ତ ବ୍ୟକ୍ତି ପିକ୍ଅପ୍‌ରେ ସାର ନେଇ ଫେରାର ହୋଇଯାଇଥିବା ବେଳେ ଗୋଦାମ ଘର ପରିବାର ସଦସ୍ୟଙ୍କୁ କୃଷି ବିଭାଗ ଅଧିକାରୀ ପଚରାଉଚୁରା କରିଛନ୍ତି। ସେମାନେ ସହରର ଅନିମା ସିଡ୍‌ସ ନାମକ ଡିଲରଙ୍କଠାରୁ ୬୨୦ ବସ୍ତା ୟୁରିଆ ସାର ଆଣିଥିବା ଏକ କାଗଜ ଦେଖାଇଥିଲେ ଓ ସକାଳେ ୮୦ ବସ୍ତା ସାର ଅନ୍ୟତ୍ର ନେଇଥିବା ବୟାନ ଦେଇଥିଲେ ବୋଲି କୃଷି ବିଭାଗର ଜଣେ ଅଧିକାରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ସକାଳେ ରାଶିବେଡା ଗ୍ରାମର କ୍ଷମାସାଗର ସ୍ୱାଇଁ ନିର୍ମାଣ କରିଥିବା ଗୋଦାମ ଗୃହରେ ବେଆଇନ ଭାବେ ୟୁରିଆ ସାର ରହିଥିବା ସୂଚନା ମିଳିଥିଲା। ପରେ ସହକାରୀ କୃଷି ଅଧିକାରୀ ଡିଲେଶ୍ୱର ସାହୁ ଓ ସୁଜାତା ପଣ୍ଡାଙ୍କୁ ନେଇ ଗଠିତ ଟିମ୍ ସେଠାରେ ପହଞ୍ଚିଥିଲେ। ଏ ସମ୍ପର୍କରେ ପୂର୍ବରୁ ସୂଚନା ପାଇ ସମ୍ପୃକ୍ତ ବ୍ୟକ୍ତି ସାର ଲୋଡ୍ ହୋଇଥିବା ୨ ପିକ୍ଅପ୍ ନେଇ ଫେରାର ହୋଇଯାଇଥିଲେ। ଏହା ପରେ ମଧ୍ୟ ଗୋଦାମରେ ସାର ଥିବା ଜାଣିବାକୁ ପାଇଥିଲୁ। ଗୋଦାମ ଚାବି ମାଗିବା ସମୟରେ ମାଫିଆ ଫେରାର ହେବାରେ ସକ୍ଷମ ହୋଇଥିଲେ। ପରେ ଗୋଦାମ ଘର ପରିବାର ସଦସ୍ୟଙ୍କୁ ପଚରାଉଚୁରା କରାଯାଇଥିଲା। ୫୨୦ ବସ୍ତା ସାର ବେଆଇନ ଭାବେ ଗଚ୍ଛିତ ଥିବା ଜଣାପଡିବା ପରେ ବିଭାଗ ପକ୍ଷରୁ ଗୋଦାମକୁ ସିଲ୍ କରି ଦିଆଯାଇଛି। ଏତେ ପରିମାଣ ସାର କେଉଁଠୁ ଆସିଲା ତାହାର ତଦନ୍ତ କରାଯାଇ ଆଇନ ଅନୁସାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଏହି ଗୋଦାମରେ ଜୁଲାଇ ୧୩ରେ ୨ଟି ଟ୍ରକ୍‌ରେ ଆସିଥିବା ସାର ଅନ୍‌ଲୋଡ ହୋଇଥିଲା। ଏଥିରେ ସ୍ଥାନୀୟ ବେପାରୀ ସହ ଯୁଯୁମୁରା ବ୍ଲକର ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମ୍ପୃକ୍ତି ରହିଛି। ଏହି ସାରକୁ ଏକମାସ ପରେ ସୋନପୁର ଜିଲାର କପା ଚାଷୀଙ୍କୁ ବସ୍ତା ପ୍ରତି ୮ ଶହରୁ ୧ ହଜାର ଟଙ୍କାରେ ବିକ୍ରି ପାଇଁ ରଖାଯାଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ରେଢାଖୋଲ କୃଷିଜିଲା ଅଧିକାରୀ ଦିଲୀପ କୁମାର ନାଏକ କହିଛନ୍ତି, ସାର ଗୋଦାମ ସିଲ୍ କରିଦିଆଯାଇଛି। ସାର କେଉଁଠାରୁ ଆସିଛି ତଦନ୍ତ ଚାଲିଛି। ଏଠାରେ ଥିବା ସାର ଡିଲର କିମ୍ବା ସମବାୟ ସମିତିର ହୋଇଥିବା ନେଇ ସନ୍ଦେହ କରାଯାଉଛି। ଏତେ ପରିମାଣ ସାର ରଖିବା ବେଆଇନ। ତେଣୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୮।୮ (ଡି.ଏନ୍.ଏ.)



ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ବୁଦ୍ରି।

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ର ପ୍ରଦେଶ ପୋଲିସ ନିକଟରେ ଶନିବାର ଜଣେ ହାର୍ଡକୋର ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ମୁସାକି ବୁଦ୍ରି। ବସ୍ତର ଜିଲା ଉସୁର ଥାନା ଅନ୍ତର୍ଗତ ରାମପୁର ଗ୍ରାମରେ ତାଙ୍କ ଘର। ସେ ଦୀଘବର୍ଷ ଧରି ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିଲେ। ସିପିଆଇ ମାଓବାଦୀ ତେଲଙ୍ଗାନା ରାଜ୍ୟ କମିଟି ସଚିବ ହରିଭୂଷଣଙ୍କ ଅଙ୍ଗରକ୍ଷୀ ଥିଲେ ବୁଦ୍ରି। ନିଜ ପୁତ୍ର ସନ୍ତାନର ରକ୍ତହୀନତା ରୋଗର ଚିକିତ୍ସା କରି ନ ପାରିବାରୁ ସେ ହରିଭୂଷଣଙ୍କ ଅଙ୍ଗରକ୍ଷୀ ପଦରୁ ଓହରିଯାଇ ଏକ କ୍ଷେତ୍ର କମିଟି ସଦସ୍ୟ ଭାବେ ସଙ୍ଗଠନରେ କାର୍ଯ୍ୟ କରୁଥିଲେ। ବିଭିନ୍ନ ମାଓବାଦୀ ହିଂସାରେ ସେ ସାମିଲ ହେଉଥିଲେ। ମାଓବାଦୀଙ୍କ ଦ୍ୱାରା ବୁଦ୍ରି ଅତ୍ୟାଚାରିତ ହେବାରୁ ମାଓବାଦୀଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଶେଷରେ ସଙ୍ଗଠନ ଛାଡ଼ିଥିଲେ। ଆନ୍ଧ୍ରର ଭଦ୍ରାଦିକୋତାଗୁଡ ଜିଲାର ସହକାରୀ ପୋଲିସ ଅଧିକାରୀଙ୍କ ନିକଟରେ ବୁଦ୍ରି ଆତ୍ମସମର୍ପଣ କରିଥିଲେ। ସଚନାଯୋଗ୍ୟ ଶୁକ୍ରବାର ଛତିଶଗଡ ଓ ତେଲେଙ୍ଗନା ରାଜ୍ୟରେ ୫ ଟପ୍ କ୍ୟାଡର ମାଓବାଦୀ ଆତ୍ମ ସମର୍ପଣ କରଥିଲେ।

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

**ନୂତନ ଅଦାଲତ ଅଧୀନରେ ବାଂଶପାଳ ଅଞ୍ଚଳକୁ ସାମିଲ ପ୍ରସଙ୍ଗ**

**କଟକ ଅଫିସ,୨୮।୮:** କେନ୍ଦୁଝର ଜିଲାର ତେଲକୋଇଠାରେ ପ୍ରତିଷ୍ଠା ହେବାକୁ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଅଧୀନରେ ବାଂଶପାଳ ଅଞ୍ଚଳକୁ ସାମିଲ ଆଶଙ୍କା କରି ହାଇକୋର୍ଟରେ ଶୁକ୍ରବାର ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଏବେ ବାଂଶପାଳ ବ୍ଲକ ଅଞ୍ଚଳର ଲୋକମାନଙ୍କ ବିଭିନ୍ନ ମାମଲାର ଶୁଣାଣି କେନ୍ଦୁଝର ସହର ଅଦାଲତରେ ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ବଭଳି କେନ୍ଦୁଝର ଅଦାଲତ ଅଧୀନରେ ବାଂଶପାଳ ଅଞ୍ଚଳକୁ ରଖାଯାଉ। ନଚେତ ବାଂଶପାଳ ବ୍ଲକ ଅଞ୍ଚଳରେ ଅଦାଲତ ପ୍ରତିଷ୍ଠା କରାଯାଉ ବୋଲି ଆବେଦନକାରୀ କେନ୍ଦୁଝର ଜିଲା କୁଶକଳାର ରଶ୍ମିକାନ୍ତ ବେହେରା ପିଟିଶନରେ ଦର୍ଶାଇଛନ୍ତି। ମାମଲାରେ ରାଜ୍ୟ ଆଇନ ସଚିବ, ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଓ କେନ୍ଦୁଝର ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ବାଂଶପାଳ ବ୍ଲକ ଅଞ୍ଚଳର ଲୋକମାନେ କେନ୍ଦୁଝର ସହରକୁ ଯିବାଆସିବା କରିବା ପାଇଁ ଭଲ ବ୍ୟବସ୍ଥା ରହିଛି। କିନ୍ତୁ ତେଲକୋଇ ଓ ବାଂଶପାଳ ମଧ୍ୟରେ ଭଲ ଯାତାୟାତ ସୁବିଧା ନାହିଁ। ତେଲକୋଇଠାରେ ପ୍ରତିଷ୍ଠା ହେବାକୁ ଥିବା ଅଦାଲତ ପାଇଁ ପ୍ରସ୍ତାବିତ ସୀମା ନିର୍ଦ୍ଧାରଣବେଳେ ବାଂଶପାଳ ବ୍ଲକ ଅଞ୍ଚଳ ଏଥିରେ ଅନ୍ତର୍ଭୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଥିବା ସ୍ଥାନୀୟ ଜିଲା ପ୍ରଶାସନ ନିକଟରୁ ସୂଚନା ମିଳିଛି। ବାଂଶପାଳ ଅଞ୍ଚଳରେ କାଞ୍ଜିପାଣି ଓ ନୟାକୋଟ ଥାନା ରହିଛି। କାଞ୍ଜିପାଣି ଥାନାର ଜନ୍ତାରୀ, ତଳବେତରଣୀ, କୋଡିପଷା ସମେତ ୨୦ଟି ଗ୍ରାମରୁ ତେଲକୋଇ ପ୍ରାୟ ୭୦ କି.ମି. ଦୂର। ଏଥି ସହିତ ତେଲକୋଇରୁ ଏହି ସବୁ ଅଞ୍ଚଳକୁ ସିଧାସଳଖ ବସ୍ ଓ ଅନ୍ୟାନ୍ୟ ପରିବହନ ବ୍ୟବସ୍ଥା ନାହିଁ। କିନ୍ତୁ କେନ୍ଦୁଝର ସହରକୁ ଏହି ଅଞ୍ଚଳକୁ ଯାତ୍ରୀ ପରିବହନର ସୁବ୍ୟବସ୍ଥା ରହିଛି। ସେହିପରି ନୟାକୋଟ ଥାନା ଅନ୍ତର୍ଗତ ତରମାକାନ୍ତ, ଉପର କାଦକଳା, କାଦକଳା, ସାଗପାଳି, ଡେରି, ନୟାକୋଟ, ରାକମ୍ ସମେତ ପ୍ରାୟ ୫୦ ଗ୍ରାମରୁ ତେଲକୋଇର ଦୂରତା ପ୍ରାୟ ୯୦ କି.ମି. ରହିଛି। ହେଲେ ଏହି ସବୁ ସ୍ଥାନକୁ କେନ୍ଦୁଝର ସହରର ଦୂରତା ୫୦ କି.ମି.ରୁ କମ୍। ତେଲକୋଇ ଏକ ଗ୍ରାମାଞ୍ଚଳ ହୋଇଥିବାବେଳେ ଏଠାରୁ ଅପରାହ୍ନ ୩ଟା ପରେ ବାଂଶପାଳ ଅଞ୍ଚଳକୁ ଯାତାୟତ ପାଇଁ ସିଧାସଳଖ ଗାଡି ମିଳିବା କଷ୍ଟକର। ବାଂଶପାଳ ଅଞ୍ଚଳରୁ କେନ୍ଦୁଝର ସହରକୁ ଯାତାୟାତ ସୁବିଧା ଥିବାବେଳେ ତେଲକୋଇକୁ ସେଭଳି ଆଖିଦୃଶିଆ ବ୍ୟବସ୍ଥା ନାହିଁ।

# ପୂର୍ବତନ ବିଧାୟକଙ୍କ ଠାରୁ ଲୁଟ୍

ରାଇରଙ୍ଗପୁର,୨୮।୮(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସାଇବା ସୁଶୀଲ ହାଁସଦାଙ୍କଠାରୁ ଶନିବାର ପୂର୍ବାହ୍ନରେ ଦୁର୍ବୃତ୍ତମାନେ ୮୧ହଜାର ଟଙ୍କା ଲୁଟି ନେଇଛନ୍ତି । ଏନେଇ ବହଳଦା ଥାନାରେ ଅଭିଯୋଗ ପରେ ପୋଲିସ ଶନିବାର ଏକ ମାମଲା (ନଂ. ୮୧/୨୦୨୧) ରୁଜୁ କରିଛି। ପ୍ରକାଶ ଯେ, ପୂର୍ବତନ ବିଧାୟକ ହାଁସଦା ସ୍କୁଟିରେ ୮୧ ହଜାର ଟଙ୍କା ନେଇ ବହଳଦା ଥାନା ଅନ୍ତର୍ଗତ ବ୍ରାହ୍ମଣବୋଷ ଗ୍ରାମସ୍ଥିତ ଘରକୁ ଏକୁଟିଆ ଯାଉଥିଲେ। ଉକ୍ତ ଗ୍ରାମ ରାସ୍ତାରେ ୩ଜଣ ଦୁର୍ବୃତ୍ତ ତାଙ୍କ ସ୍କୁଟି ଅଟକାଇ ଧମକ ଦେଇ ଟଙ୍କା ଲୁଟି ନେଇ ବାଇକ୍‌ରେ ଫେରାର ହୋଇଯାଇଥଲେ। ଏନେଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ପଞ୍ଚାନନ ମହାନ୍ତି ସୂଚନା ଦେଇଛନ୍ତି।

# ୧୨ ବର୍ଷ ଝିଅ ଚିକିତ୍ସାରେ ଅର୍ଥ ବାଧକ

**ବାଉଁଶୁଣୀ,୨୮।୮(ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଲମ୍ବସରୀ ଗ୍ରାମ ପଞ୍ଚାୟତ ପିଣ୍ଡାପଦର ଗ୍ରାମର ଜଣେ ୧୨ ବର୍ଷୀୟା ବାଳିକା ଉନ୍ନତର ଚିକିତ୍ସାରୁ ବଞ୍ଚିତ ହୋଇ ଏବେ ମୃତ୍ୟୁ ସହ ସଂଗ୍ରାମ ଚଳାଇଛି । ଝିଅଟିର ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଅପରପକ୍ଷରେ ଗଣମାଧ୍ୟମରୁ ରୋଗାକ୍ରାନ୍ତ ବାଳିକା ସମ୍ପର୍କରେ ସୂଚନା ପାଇ ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା କରିବା ନାମରେ ଘରୁ ଡାକ୍ତରଖାନା ନେଇ ଅଧା ବାଟରେ ଛାଡି ଦେବାରୁ ପରିବାର ଲୋକଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡିଛି। ମିଳିଥିବା ସୂଚନା ଅନୁଯାୟୀ, ପିଣ୍ଡାପଦର ଗ୍ରାମର ସପୁର ପ୍ରଧାନ ଓ ସାବଙ୍କ ଝିଅ ବହୁ ଦିନ ହେଲା ରକ୍ତ ଶିକୁଳି ରୋଗରେ ଆକ୍ରାନ୍ତ ଅଛନ୍ତି । ଗରିବ ପରିବାର ହୋଇଥିବା କାରଣରୁ ଝିଅକୁ ଠିକ ସମୟରେ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବାରେ ବାପା ମା' ଅକ୍ଷମ । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଝିଅର ଚିକିତ୍ସା ପାଇଁ ଗାଡି ପଠାଇ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ରକ୍ତ ଦେବା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ସମ୍ପୃକ୍ତ ବାଳିକାକୁ ଆମ୍ବୁଲାନସ ଯୋଗେ ବୁର୍ଲା ଡାକ୍ତରଖାନା ପଠାଯାଇଥିଲା। କିନ୍ତୁ ଆମ୍ବୁଲାନସ କର୍ମଚାରୀମାନେ ଝିଅକୁ ନେଇ ବୁର୍ଲା ଡାକ୍ତରଖାନା ବାହାରେ ଛାଡି ଆସିଥିଲେ । ଝିଅକୁ ଡାକ୍ତରଖାନାରେ ଆଡମିଶନ ନ କରି ଚାଲି ଆସିବାରୁ ଅଶିକ୍ଷିତ ମା' ବାପା ଲୋକଙ୍କୁ ପଚରାଉଚରା କରି ଶେଷରେ ବୁର୍ଲାର କୌଣସି ଜଣେ ସହୃଦୟ ବ୍ୟକ୍ତିଙ୍କ ସହାୟତାରେ ଡାକ୍ତରଖାନାରେ ଭର୍ତ୍ତି କରିଦେଲେ । ସେଠାରେ ସାଲାଇନ ଗୋଟିଏ ଲଗାଇବା ପରେ ବୁର୍ଲାରୁ କଟକ ରେଫର କରି ଡିସଚାର୍ଜ କରି ଦିଆଗଲା । ମାତ୍ର ଅର୍ଥାଭାବରୁ ପରିବାର ଲୋକେ କଟକ ନେଇ ନ ପାରି ବାଧ୍ୟ ହୋଇ ଏକ ଟ୍ୟାକ୍ସି ଭଡା କରି ରୋଗିଣା ଝୁଅକୁ ଧରି ପିଣ୍ଡାପଦର ଗ୍ରାମକୁ ଫେରି ଥିଲେ । ଘରେ ପହଞ୍ଚିଲେ ଭଡା ଦେବାକୁ କହିଥିବାରୁ ସପୁର ପହଞ୍ଚି ଗାଁ ଲୋକଙ୍କ ଠାରୁ ୩ ହଜାର ଟଙ୍କା ଧାର ଆଣି ଟାକ୍ସି ବାଲାକୁ ଭଡା ଦେଇଥିଲେ । ସହାୟତା ନାମରେ ଗୋଟିଏ ଅସହାୟ ପରିବାରକୁ ହୀନସ୍ତା କରିବା ଘଟଣାର ତଦନ୍ତ କରାଯିବା ସହ ଝିଅକୁ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବାକୁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି।



ବାପାଙ୍କ ସହ ୧୨ ବର୍ଷର ଝିଅ।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 5997/PSC, (1R-34-21/22) (DR-V),** **Dt. 27.8.21**

**No. D-107:-** It is for information of all concerned that, pursuant to the advertisement No. 08 of 2020-2021, **11 (eleven)** candidates, bearing following PPSAN have been allowed to face the interview to determine their eligibility for recruitment to the post of Assistant Professor in **Material Science**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack -753001 on 14.09.2021 as per the programme mentioned below.

| Date | Time of Interview | Subject | PPSAN number of candidates |
|---|---|---|---|
| 14.09.2021 | 10.30 A.M. | Material Science | 00096279, 00079455, 00092437, 00082112, 00096564, 00090836, 00091889, 00090963, 00089568, 00083448 & 00092161 = **11 Candidates** |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the **Commission half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

**NOTE: - THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0072/2122 **Sd./- Secretary**



**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6001/PSC, (1R-43-21/22) (DR-V),** **Dt. 27.8.21**

**No. D-108:-** It is for information of all concerned that, pursuant to the advertisement No. 08 of 2020-2021, **10 (Ten)** candidates, bearing following PPSAN have been allowed to face the interview to determine their eligibility for recruitment to the post of Assistant Professor. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack - 753001 on 15.09.2021 as per the programme mentioned below.

| Date | Time of Interview | Subject | PPSAN |
|---|---|---|---|
| 15.09.2021 | 10.30 A.M. | Public Administration | 00087721, 00092043, 00085463, 00089564, 00087504, 00086441, 00094634, 00090930, 00093055 & 00093808 = **10 Candidates** |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process.

**NOTE: - THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0073/2122 **Sd./- Secretary**



**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 5990/PSC, (1R-41-21-22) (DR-V),** **Dt. 27.8.21**

**No. D-106:-** It is for information of all concerned that, pursuant to the advertisement No. 08 of 2020-2021, **59 (Fifty nine)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Philosophy**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **07.09.2021, 08.09.2021** and **09.09.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 07.09.2021 | 10.00 AM | 00083425, 00092241, 00089811, 00077282, 00080349, 00092393, 00091168, 00086218, 00087896, 00089623, 00094828, 00086381 & 00092456 = **13 Candidates** |
| | 02.00 PM | 00085976, 00079995, 00088557, 00090416, 00095160, 00089090 & 00086718 = **07 Candidates** |
| 08.09.2021 | 10.00 AM | 00091710, 00100648, 00090363, 00089540, 00081620, 00086957, 00093736, 00090754, 00091021, 00097803, 00097707, 00087043 & 00093173 = **13 Candidates** |
| | 02.00 PM | 00087005, 00095510, 00094496, 00085936, 00092796, 00080458 & 00063112 = **07 Candidates** |
| 09.09.2021 | 10.00 AM | 00093210, 00077607, 00098026, 00095153, 00085363, 00088856, 00095234, 00086680, 00101653, 00088615, 00086149, 00086547 & 00095707 = **13 Candidates** |
| | 02.00 PM | 00086138, 00088474, 00023125, 00061980, 00098189 & 00093510 = **06 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. **04 sets** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0071/2122 **Sd./- Secretary**



**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 5986/PSC, (1R-19-21-22) (DR-V),** **Dt. 27.8.21**

**No. D-105:-** It is for information of all concerned that, pursuant to the advertisement No. 08 of 2020-2021, **86 (eighty six)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Geology**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **08.09.2021, 09.09.2021, 13.09.2021** and **14.09.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 08.09.2021 | 10.00 AM | 00077052, 00086126, 00095687, 00092071, 00097682, 00087477, 00090141, 00078843, 00062583, 00088712, 00097244, 00013896, 00086010, 00094562, 00097014 = **15 Candidates** |
| | 02.00 PM | 00078973, 00079558, 00094825, 00085914, 00092262, 00087958, 00013527 = **07 Candidates** |
| 09.09.2021 | 10.00 AM | 00093265, 00096846, 00091737, 00085922, 00085927, 00086724, 00095474, 00078406, 00013620, 00086880, 00094596, 00090789, 00092156, 00014809 & 00089463 = **15 Candidates** |
| | 02.00 PM | 00095775, 00077129, 00090476, 00085986, 00013753, 00013855 & 00096554 = **07 Candidates** |
| 13.09.2021 | 10.00 AM | 00095359, 00014630, 00091458, 00094999, 00101231, 00094192, 00079204, 00083317, 00085912, 00088751, 00099573, 00013816, 00090317, 00090368, & 00095613 = **15 Candidates** |
| | 02.00 PM | 00014682, 00095755, 00014744, 00013998, 00013594, 00089048, 00014289 = **07 Candidates** |
| 14.09.2021 | 10.00 AM | 00014778, 00091861, 00096875, 00014109, 00013534, 00014542, 00091291, 00014640, 00013552, 00013571, 00014176, 00085429, 00087925, 00077705 & 00013588 = **15 Candidates** |
| | 02.00 PM | 00013607, 00014228, 00079803, 00083806, 00048335 = **05 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. **04 sets** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0070/2122 **Sd./- Secretary**

## ପାନୀୟଜଳ ପ୍ରକଳ୍ପର ଶୁଭାରମ୍ଭ

ବରଗଡ଼ ଅଫିସ୍: ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତବାସୀଙ୍କୁ ପାନୀୟଜଳ ଯୋଗାଣ ପାଇଁ ଶୁକ୍ରବାର ଅମୃତଧାରା ବୃହତ୍ ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ନାଏକ ଶୁକ୍ରବାର ଏହାର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରତିଭା ନାଏକ, ସମିତିସଭ୍ୟା ଅଞ୍ଜଳି ବିଶି, ଏସ୍‌ଏଚ୍‌ଜି ସଭାନେତ୍ରୀ ଝରଣା ଦାଶ, ନିତ୍ୟାନନ୍ଦ ନାଏକ, ଅଶୋକ ସାହୁ, ଗୁରୁଦେବ ସାହୁ, ରୋହିତ ଭୋଇ, ଆନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରକଳ୍ପରେ ବରପାଲି ବ୍ଲକର ୭ଟି ପଞ୍ଚାୟତ ମଧ୍ୟ ସାମିଲ ହୋଇଛି । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉଦ୍ୟମରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଅଞ୍ଚଳବାସୀ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଜଣେ ମୃତ

ଲହୁଣୀପଡ଼ା,୨୮।୮(ଡି.ଏନ୍.ଏ.):ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବଡ ପୁରୁଣାପଣି ପଞ୍ଚାୟତ ନୂଆଗାଁ ଗ୍ରାମରେ ସାପ କାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଧନସିଂ କିଷାନ (୫୬) ଶୁକ୍ରବାର ରାତିରେ ବାହାରକୁ ବାହାରି ଥିବାବେଳେ ପାଦରେ ଆଘାତ ଲାଗିବା ଅନୁଭବ କରିଥିଲେ। କିନ୍ତୁ ଶନିବାର ସକାଳୁ ଅସୁସ୍ଥତା ଅନୁଭବ କରିବାରୁ ପ୍ରାୟ ୧୧ଟାରେ ଲହୁଣୀପଡ଼ା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। କିଛି ସମୟ ପରେ ଲହୁଣୀପଡ଼ା ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଷଧର ସାପ କାମୁଡି ଦେଇଥିବା ଡାକ୍ତର ଅନୁମାନ କରୁଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

### ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ

ସୁନ୍ଦରଗଡ଼,୨୮।୮ (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲାରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କର ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ ହୋଇଛି। ଜିଲା ଶିକ୍ଷାବିଭାଗ ତରଫରୁ ସ୍ଥାନୀୟ ସମଗ୍ର ଶିକ୍ଷା ଜିଲାପ୍ରକଳ୍ପ କାର୍ଯ୍ୟାଳୟଠାରେ ଏହି ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଜିଲାର ସଦର, ଟାଙ୍ଗରପାଲି, ଲେଫ୍ରିପଡା, ହେମଗିର, ସବ୍‌ଡେଗା ଓ ବାଲିଶଙ୍କରା ବ୍ଲକର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଛି। ସକାଳ ୯ଟାରୁ ୫ଟା ପର୍ଯ୍ୟନ୍ତ ଏହି ଯାଞ୍ଚ ପ୍ରକ୍ରିୟାରେ ଶହଶହ ସଂଖ୍ୟାରେ ଶିକ୍ଷୟିତ୍ରୀ ଶିକ୍ଷକ ଲମ୍ବା ଧାଡିରେ ଛିଡା ହୋଇଥିବା ଦେଖାଯାଇଥିଲା । ହେଲେ ଏହି ଯାଞ୍ଚ ପ୍ରକ୍ରିୟା ପ୍ରତ୍ୟେକ ବ୍ଲକରେ କରା ନ ଯାଇ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଜିଲା ସଦର ମହକୁମା ଡକାଯାଇଥିବା ନେଇ ଅନେକ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି ଯାଞ୍ଚ ପ୍ରକ୍ରିୟା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

### ପୋଖରୀ ପୁନରୁଦ୍ଧାର ଓ ନୂତନ ଘାଟର ଉଦ୍‌ଘାଟନ

ସୁନ୍ଦରଗଡ଼,୨୮।୮(ଡି.ଏନ୍.ଏ):ଏଲ୍‌ଆଣ୍ଡଟି ଆଇଡିବିଏଲ ପକ୍ଷରୁ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟକ୍ରମ ମାଧ୍ୟମରେ ହୋଇଥିବା ସୁନ୍ଦରଗଡ ସଦର ବ୍ଲକ ମସ୍କିକାନୀ ପୋଖରୀର ପୁନରୁଦ୍ଧାର ଓ ନବନିର୍ମିତ ଘାଟ ଉଦ୍‌ଘାଟିତ ହୋଇଯାଇଛି। ସଦର ବ୍ଲକ ବିଡିଓ ମିତ୍ରଭାନୁ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମସ୍କିକାନୀ ସରପଞ୍ଚ ମହରଗୀ ପ୍ରଧାନ, ସୁନୀଲ ମହାପାତ୍ର, ଅମିତ ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଲଆଣ୍ଡଟି ପ୍ଲାଜା ଅପରେସନ ମ୍ୟାନେଜର ସତ୍ୟବ୍ରତ ପ୍ରଧାନ, ମେଣ୍ଟେନାସ ମ୍ୟାନେଜର ପ୍ରଦୀପ ଚାଟାର୍ଜୀ, ଗୋବିନ୍ଦ ଦାଶ, ବିଭୂତି ମିଶ୍ର, ମନୋଜ ପଟ୍ଟନାୟକ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମରୁଡ଼ି ଅଞ୍ଚଳ ପରିଦର୍ଶନ କଲେ ଭାଜପାର ସ୍ୱତନ୍ତ୍ର ପ୍ରତିନିଧି ଦଳ

ଦେବଗଡ଼, ୨୮।୮(ଡି.ଏନ.ଏ.)

ଅନିୟମିତ ବର୍ଷା ଯୋଗୁ ଦେବଗଡ ଜିଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ରୁଆ,ବିହୁଡା କାର୍ଯ୍ୟ ଶେଷ ହୋଇପାରିନାହିଁ। ଅନ୍ୟପକ୍ଷରେ ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ଅଭାବ ଯୋଗୁ ଜିଲାର ଛୋଟବଡ ଡ୍ୟାମ, ଚେକ୍‌ଡ୍ୟାମ, ଜଳାଶୟଗୁଡିକ ପଙ୍କରେ ପୋତିହୋଇ ଜଳଧାରଣ କ୍ଷମତା ହରାଇବା ସହ ଶୁଷ୍କ ହୋଇପଡିଛି। ଉଠାଜଳସେଚନ ପଏଣ୍ଟଗୁଡିକ ମଧ୍ୟ ଅଚଳ ହୋଇପଡିରହିଛି। ଫଳରେ ଆଗାମୀ ଦିନରେ କୃଷି ପ୍ରଧାନ ଦେବଗଡ଼ ଜିଲା ଗୁରୁତର ମରୁଡି ପରିସ୍ଥିତିର ସମ୍ମୁଖିନ ହେବାକୁ ଯାଉଛି। ଫଳରେ ଋଣକରଜ କରି ଚାଷ କରିଥିବା ଜିଲାର ଗରିବ ଚାଷୀ ମହଲରେ ଭାଲେଣି ସୃଷ୍ଟି ହୋଇଛି। ଅନୁନ୍ନତ ଦେବଗଡ଼ ଜିଲାର ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ସହ ଉପଯୁକ୍ତ ଜଳସେଚନର ବ୍ୟବସ୍ଥା କରାଯାଇ ଜିଲାର ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ପୂର୍ବରୁ ଜିଲା ଭାଜପା ପକ୍ଷରୁ ଦାବି କରାଯାଇଥିଲା । ତେବେ ପରିସ୍ଥିତିର ଭୟାବହତାକୁ ଦୃଷ୍ଟିରେ ରଖି ଶନିବାର ରାଜ୍ୟ ଭାଜପାର ଏକ ସ୍ୱତନ୍ତ୍ର ଟିମ୍ ଦେବଗଡ ଜିଲା ଗସ୍ତରେ ଆସି ତିନୋଟି ଯାକ ବ୍ଲକର ବିଭିନ୍ନ ଅଞ୍ଚଳ



ଭାଜପାର ସ୍ୱତନ୍ତ୍ର ଟିମ୍ ଦେବଗଡ ଜିଲାର ମରୁଡ଼ି ଅଞ୍ଚଳ ପରିଦର୍ଶନ କରୁଛନ୍ତି।

ପରିକ୍ରମା କରି ମରୁଡି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଦଳର ମୁଖ୍ୟ ସଚେତକ ତଥା କେନ୍ଦୁଝର ବିଧାୟକ ମୋହନ ମାଝିଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ କାମାକ୍ଷା ପ୍ରଧାନ ଓ ସମ୍ପାଦକ ଉପାଧ୍ୟାୟ ପାଣିଗ୍ରାହୀ ପ୍ରମୁଖ ରିଆମାଳ ବ୍ଲକର ମରୁଡି ପ୍ରପୀଡିତ ବୁଡିଦୋ, ତିଲେଇବଣି ବ୍ଲକର ଢୋଲପଡା ଓ କଂସର ପଞ୍ଚାୟତ ସମେତ ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ ବର୍ଷାଭାବ

**ବର୍ଷାଭାବ ଯୋଗୁ ଦେବଗଡ଼ ଜିଲାରେ ଉତ୍କଟ ମରୁଡି ପରିସ୍ଥିତି**

ଯୋଗୁ ମାଟି ଫାଟିଯାଇଥିବା, ପହ୍ଲା ରୋପଣ ହୋଇ ନ ପାରି ଶୁଖିଯିବା ସହ ଜମିରେ ପାଳ ପଡିରହିଥିବା ଏବଂ ଚାଷ ହୋଇ ନ ପାରି ପଡିରହିଥିବା ଶହଶହ ଏକର ଚାଷଜମି ଦେଖି ଦୁଃଖ ପ୍ରକାଶ କରିଥିଲେ। ଏଥିପାଇଁ ରାଜ୍ୟ ସରକାର ଏବଂ ଦେବଗଡ ଜିଲା ପ୍ରଶାସନକୁ କଠୋର ସମାଲୋଚନା କରିଥିଲେ। ଏହି ଅବସରରେ ସେମାନେ ଆସନ୍ନ ମରୁଡିର ସମ୍ମୁଖିନ ହେବାକୁ ଯାଉଥିବା ସମ୍ପୃକ୍ତ ଅଞ୍ଚଳର ଚାଷୀମାନଙ୍କ ସହ ଆଲୋଚନା କରି ସାନ୍ତ୍ୱନା ଦେଇଥିଲେ। ଏଥିସହ ଆଗାମୀ ବିଧାନସଭା ଅଧିବେସନରେ ଏହି ପ୍ରସଙ୍ଗକୁ ବିଧାନ ସଭାରେ ଉପସ୍ଥାପନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଆବଶ୍ୟକ ସହାୟତା ପ୍ରଦାନ, ଭବିଷ୍ୟତ ପାଇଁ ଜିଲାରେ ଅଧିକରୁ ଅଧିକ ଡ୍ୟାମ, ଚେକଡ୍ୟାମ ନିର୍ମାଣ ଓ ରକ୍ଷଣାବେକ୍ଷଣ, ଜଳାଶୟ ଏବଂ ଉଠାଜଳସେଚନ ପଏଣ୍ଟ ସ୍ଥାପନ ସାଙ୍ଗକୁ ଏଗୁଡିକର ଉପଯୁକ୍ତ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା କରିବେ ବୋଲି ଭାଜପାର ଉପରୋକ୍ତ ସ୍ୱତନ୍ତ୍ର ଟିମ୍‌ର ନେତୃତ୍ୱ ନେଉଥିବା ବିରୋଧୀ ଦଳ ମୁଖ୍ୟ ସଚେତକ ମାଝି ଓ ଅନ୍ୟମାନେ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଉକ୍ତ ସ୍ୱତନ୍ତ୍ର ଟିମ୍‌ର ପରିଦର୍ଶନ ସମୟରେ ଦେବଗଡ଼ ଜିଲା ଭାଜପା ସଭାପତି ମୀନକେତନ ପ୍ରଧାନ, ସାଧାରଣ ସମ୍ପାଦକ ଭାରତ କୁମାର ପ୍ରଧାନ, ସମ୍ପାଦକ ସତ୍ୟନାରାୟଣ ପାଣି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, ନଗର ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ସମ୍ପାଦକ ଜଗନ୍ନାଥ ବେହେରା, ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମା, ସମ୍ବଲପୁର ଲୋକସଭା ସଦସ୍ୟଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ଶରତ ସାହୁ ଓ ଅକାଲୁ ଧଳ,ପୁରୁଷୋତମ ସାହୁ, ଦୟାଶଙ୍କର ଦ୍ୱିବେଦୀ, ରାଜେନ୍ଦ୍ର ଆଚାର୍ଯ୍ୟ, ପ୍ରତାପ କୁମାର ପଣ୍ଡା, ମିଡିଆ ସେଲ ସୁଧିର କୁମାର ପାତ୍ର ଓ ଅଟଳ ବିହାରୀ ସ୍ୱାଇଁଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ। ଉପରୋକ୍ତ ଭାଜପା ସ୍ୱତନ୍ତ୍ର ଟିମ୍ ଦେବଗଡ଼ରେ ପହଞ୍ଚିବା ପରେ ଦଳ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଉଚ୍ଛସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## ଘରେ ପଶିଲା ନର୍ଦ୍ଦମା ପାଣି: ବ୍ୟାପକ କ୍ଷୟକ୍ଷତି

ଦେବଗଡ଼,୨୮।୮(ଡି.ଏନ.ଏ)

ଦେବଗଡ଼ ପୌର କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଓ ଉଦାସୀନତା ଯୋଗୁ ନିୟମିତ ଭାବେ ଡ୍ରେନଗୁଡିକୁ ସଫା କରାଯାଉନାହିଁ। ଫଳରେ ଏହାର କୁପରିଣାମ ଦେବଗଡ ପୌରାଞ୍ଚଳ ବାସୀଙ୍କୁ ଭୋଗିବାକୁ ପଡୁଛି। ୯ନମ୍ବର ୱାର୍ଡ ନିଳବେର୍ଣ୍ଣୀସାହି ଦେଇ ଯାଇଥିବା ଡ୍ରେନରେ ଅଳିଆ ଆବର୍ଜନା ଜମି ରହିଥିବାରୁ ଶନିବାର ଅପରାହ୍ଣରେ ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ଉକ୍ତ ସାହିର ଗୁଲୁ ପାତ୍ର, କନ୍ତାରୀ ପାତ୍ର ଓ ସାଧନା ପାତ୍ରଙ୍କ ସମେତ ଅନେକଙ୍କର ଘରେ ପଶିଯାଇଥିଲା। ସାହିବାସିନ୍ଦା ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେବା ସହ ଅନେକଙ୍କର ଘରେ ଥିବା ଧାନ ଓ ଚାଉଳ ସମେତ ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ ନଷ୍ଟ ହୋଇଯାଇଥିଲା। ଏପରିକି ଅନେକ ପରିବାରର ଶୋଇବା ଘରେ ଏବଂ ରୋଷେଇ ଘରେ ନର୍ଦ୍ଦମା ପାଣି ପଶିଯିବାରୁ ସେମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହୋଇଥିଲେ। ସୂଚନାପାଇ ଦୀର୍ଘ ସମୟ ପରେ ଦେବଗଡ ପୌର ପରିଷଦର ସଫେଇ କର୍ମଚାରୀ ସେଠାରେ ପହଞ୍ଚି ଡ୍ରେନଗୁଡିକ ସଫା କରିବାରୁ ସେଥିରୁ ଜଳ ନିଷ୍କାସିତ ହୋଇଥିଲା। ପୌର ପରିଷଦ ନିର୍ବାହୀ ଅଧିକାରୀ ଅତସୀ ପରିଡାଙ୍କ ମତାମତ ଲୋଡିବାରୁ ସାହିବାସିନ୍ଦାଙ୍କ ଘରେ ପାଣି ପଶିଥିବା କଥାକୁ ସ୍ୱୀକାର କରିବା ସହ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାକଡରେ ତୃଟିପୂର୍ଣ୍ଣ ଭାବେ ଡ୍ରେନ ନିର୍ମାଣ କରିଥିବାରୁ ଏହାର ଗତିପଥ ବଦଳିବା ସହ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କହିଛନ୍ତି।

# କିଷାନ ରଥ ମୋବାଇଲ ଆପ୍‌ର ଶୁଭାରମ୍ଭ

ସୁନ୍ଦରଗଡ଼, ୨୮।୮(ଡି.ଏନ୍.ଏ)

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ଦ୍ୱାରା କୃଷିଜାତ ଦ୍ରବ୍ୟର ବିକ୍ରି ସକାଶେ କୃଷକ, ବ୍ୟବସାୟୀ ଓ ପରିବହନକାରୀଙ୍କ ସୁବିଧା ନିମନ୍ତେ କିଷାନରଥ ମୋବାଇଲ ଆପ୍‌ର ଏକ ସଚେତନତା ରଥର ଶନିବାର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ସର୍ଗିପାଲି ନିୟନ୍ତ୍ରିତ ବାଜାର କମିଟି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ସୁନ୍ଦରଗଡ଼ ଉପଖଣ୍ଡର ସଦର, ଟାଙ୍ଗରପାଲି, ଲେଫ୍ରିପଡା, ହେମଗିର, ସବ୍‌ଡେଗା, ବାଲିଶଙ୍କରା, ବଡ଼ଗାଁ, କୁତ୍ରା ଓ ରାଜଗାଙ୍ଗପୁର ବ୍ଲକ ପରିକ୍ରମା କରି କିଷାନରଥ ମୋବାଇଲ ଆପ୍ ଦ୍ୱାରା କୃଷକ, ବ୍ୟବସାୟୀ ଓ ପରିବହନକାରୀମାନଙ୍କୁ ନାମପଞ୍ଜିକରଣ କରି ବିଭିନ୍ନ ସୁବିଧା ସମ୍ପର୍କରେ ସଚେତନ କରିବ। ଉତ୍ପାଦିତ କୃଷିଜାତ ଦ୍ରବ୍ୟକୁ କୃଷକଙ୍କ ଜମି, ଫାର୍ମ ଠାରୁ ମଣ୍ଡି ଏବଂ ଗୋଟିଏ ମଣ୍ଡିରୁ ଅନ୍ୟ ଏକ ମଣ୍ଡିକୁ ପରିବହନ ପାଇଁ ବ୍ୟବସ୍ଥା, କୃଷକ ଚାଷୀ ସଙ୍ଗଠନ ଏବଂ ଆର୍‌ଏମ୍‌ସି ମଣ୍ଡି ମଧ୍ୟରେ ଏହି ଆପ୍ ମାଧ୍ୟମରେ ନିରନ୍ତର ଯୋଗାଯୋଗ

**କୃଷକ, ବ୍ୟବସାୟୀ ଓ ପରିବହନକାରୀଙ୍କ ସୁବିଧା ନିମନ୍ତେ ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ପଦକ୍ଷେପ**



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ଆନ୍ତଃମଣ୍ଡି କେନ୍ଦ୍ରମାନଙ୍କ ପରିବହନ ପାଇଁ ସହାୟକ ହେବ। ଦ୍ରବ୍ୟର ଅପଚୟ ତଥା ନଷ୍ଟ ହେବାରୁ ହ୍ରାସ କରିବା ସହ ଠିକ୍ ମୂଲ୍ୟ ପାଇଁ ଏହି କିଷାନ ରଥ ମୋବାଇଲ ଆପ୍ ସହାୟକ ହେବ । ଅଧିକରୁ ଅଧିକ ଚାଷୀ, ପରିବହନକାରୀ, ବ୍ୟବସାୟୀମାନେ ଏହି ଆପ୍‌ରେ ନାମ ପଞ୍ଜିକରଣ କରିବା ପାଇଁ ଏହି ଅବସରରେ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବନମାଳୀ ନାଏକ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମବାୟ ସମିତି ସମୂହର ଉପନିବନ୍ଧକ ରଶ୍ମିତା ବେହେରାଙ୍କ ସମେତ ନିୟନ୍ତ୍ରିତ ବଜାର କମିଟିର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଧାୟିକାଙ୍କ ଟାଙ୍ଗରପାଲି ବ୍ଲକରେ ସମୀକ୍ଷା ବୈଠକ

ସୁନ୍ଦରଗଡ଼ ,୨୮।୮(ଡି.ଏନ.ଏ.)

ଟାଙ୍ଗରପାଲି ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଛି। ଏହି ସମୀକ୍ଷା ବୈଠକରେ ଯୋଗଦେଇ ବିଧାୟିକା କୁସୁମ ଟେଟେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ବିଭିନ୍ନ ପାଣ୍ଠିରୁ ଚାଲିଥିବା କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଐଶର୍ଯ୍ୟ ଭୂୟାଁ ଏବଂ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ବିଧାୟିକା ଦେଇଥିବା ଅନେକ ଗୁଡିଏ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଟାଙ୍ଗରପାଲି ବ୍ଲକକୁ ଆସୁଥିବା ବିଭିନ୍ନ ପାଣ୍ଠିକୁ ଶୀଘ୍ର ତ୍ୱରାନ୍ୱିତ କରିବା, ପେନସନ ଭୋଗୀଙ୍କୁ ଅଧିକା ହିତାଧିକାରୀ ସାମିଲ କରିବା ସହ ଏଥିରୁ ଯେମିତି କେହି ବାଦ ନ ପଡ଼ନ୍ତି ସେପ୍ରତି ଦୃଷ୍ଟି ଦେବା ଆଦି ସବିଶେଷ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଧାୟିକା ପ୍ରତିନିଧି ଅସୀମ ପଟେଲ, ଜିଲା ପରିଷଦ ସଦସ୍ୟ ଯୋଗେଶ୍ୱର ଭୋଇ, ରବି କିଷାନ ଏବଂ ଟାଙ୍ଗରପାଲି ବ୍ଲକ ଭାଜପା ମଣ୍ଡଳ ସଭାପତି ସଞ୍ଜିବ ସିଂ, ଉଦିତ ଖରସେଲ, ସଞ୍ଜୁଲତା ନାୟକ, ଅଞ୍ଜନା ପଟେଲ ପ୍ରମୁଖ ଯୋଗ ଦେଇଥିଲେ।

## ରକ୍ତଦାନ ଶିବିର: ୨୧ୟୁନିଟ ସଂଗ୍ରହ


ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

କୁତ୍ରା, ୨୮।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଚିତ୍ତବିନୋଦନ କେନ୍ଦ୍ରଠାରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଅନୁକୂଲ୍ୟରେ ଶନିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଯୁବ ବିଜେଡି ନେତା ବେନେଦିକ ତିର୍କୀ, ଯୁବ ବିଜେଡି ଜିଲା ସଭାପତି ଦେବେନ୍ଦ୍ର ମାଝି, ଯୁବ ବିଜେଡି ଜିଲା ସମ୍ପାଦକ ଜ୍ୟୋତିରଞ୍ଜନ ନାଏକ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ବିନୋଦ ଟପ୍ପୋ, କ୍ରିଷ୍ଣା ଲାକ୍ରା, ବିକି ବାଗ, ସରମିଲା ଡୁଙ୍ଗଡୁଙ୍ଗ, ସୁଜାତା ଡୁଙ୍ଗଡୁଙ୍ଗ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜଳସେଚନର ଅସୁବିଧା, ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ


ଖବରଦାତା ସମ୍ମିଳନୀରେ ଭାଜପା ପ୍ରତିନିଧି ମଣ୍ଡଳୀ।

ଲହୁଣୀପଡ଼ା,୨୮।୮(ଡି.ଏନ.ଏ.)

**ମରୁଡ଼ି ସ୍ଥିତି ଅନୁଧ୍ୟାନ ପାଇଁ ଭାଜପା ପ୍ରତିନିଧି ମଣ୍ଡଳୀଙ୍କ ଲହୁଣୀପଡ଼ା ଗସ୍ତ**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡାସ୍ଥିତ ଭାଜପା କାର୍ଯ୍ୟାଳୟରେ ଶନିବାର ଅପରାହ୍ଣରେ ଏକ ପ୍ରତିନିଧି ଦଳ ନିଅଣ୍ଟିଆ ବର୍ଷା ଓ ସମ୍ଭାବ୍ୟ ମରୁଡି ପରିସ୍ଥିତିକୁ ସମୀକ୍ଷା କରିବା ପାଇଁ ପହଞ୍ଚିଥିଲେ। ନିଅଣ୍ଟିଆ ବର୍ଷା ଯୋଗୁ ଉପୁଜିଥିବା ମରୁଡ଼ି ସମସ୍ୟାକୁ ଅନୁଧ୍ୟାନ କରିବା ପାଇଁ ଭାଜପା ପ୍ରଦେଶ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ରାଜ୍ୟ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଓ ରାଜ୍ୟ ବିରୋଧୀ ଦଳ ମୁଖ୍ୟ ସଚେତକ, ବିଧାୟକ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବଣାଇଁ ଉପଖଣ୍ଡ ଗସ୍ତକରି ନିଅଣ୍ଟିଆ ବର୍ଷା ଓ ସମ୍ଭାବ୍ୟ ମରୁଡ଼ି ସ୍ଥିତିର ସମୀକ୍ଷା କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା ସମ୍ପାଦକ ବିଜୟ ଖାଲଖୋ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ କାମାକ୍ଷା ପ୍ରସାଦ ପ୍ରଧାନ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଉପାଧ୍ୟାୟ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ। ଭାଜପା ବଣାଇଁ ସାଙ୍ଗଠନିକ ଜିଲା କାର୍ଯ୍ୟାଳୟରେ ଜିଲା ସଭାପତି ଅନିଲ କୁମାର ବାର୍ଲାଙ୍କ ନେତୃତ୍ୱରେ ଜିଲା ନେତୃମଣ୍ଡଳୀ ଏହି ପ୍ରତିନିଧି ମଣ୍ଡଳୀଙ୍କୁ ସ୍ୱାଗତ ଜଣାଇବା ସହ ଅଞ୍ଚଳରେ ଥିବା କୃଷି ସମ୍ବନ୍ଧିତ ସମସ୍ୟାଗୁଡ଼ିକ ସମ୍ପର୍କରେ ପ୍ରତିନିଧି ମଣ୍ଡଳୀଙ୍କୁ ଅବଗତ କରାଇଥିଲେ। ଜିଲା ଭାଜପା ପକ୍ଷରୁ ଜିଲା ସଭାପତିଙ୍କ ସହ ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ଲୁଥାର ଓରାମ, ଅଭିରାମ ମହାକୁଲ, ଜିଲା ଉପସଭାପତି ମହେଶ ଶାହା, ପ୍ରଦୀପ ସ୍ୱାଇଁ, ଦିବ୍ୟମଞ୍ଜରୀ ଶେଖର ଦେଓ, ଉପେନ୍ଦ୍ର ବେହେରା, ଜିଲା ସମ୍ପାଦକ ବନ୍ଦିତା ମାହାନ୍ତ, ଆରତୀ କିଷାନ, ବାଗୁନ ଗାଗରାଇ, ବରିଷ୍ଠ କାର୍ଯ୍ୟକର୍ତ୍ତା ଗିରିଧାରୀ ମାହାନ୍ତ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟନ୍ତୀ ମାହାନ୍ତ, ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ନିରେଶ୍ୱରୀ ମାହାନ୍ତ, ଯୁବମୋର୍ଚ୍ଚା ସଭାପତି ନିହାର ରଞ୍ଜନ ସାହୁ ଓ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତିନିଧି ମଣ୍ଡଳୀ ବଣାଇଁ ଉପଖଣ୍ଡରେ ଜଳ ସେଚନର ଅସୁବିଧା ଓ ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଶେଷକରି ରୁକୁ ଜଳସେଚନ ପ୍ରକଳ୍ପର ଅସମ୍ପୂର୍ଣ୍ଣ କେନାଲ କାର୍ଯ୍ୟ ଓ କୁରାଡ଼ୀ ନାଳ ଡ୍ୟାମର ପୁନରୁଦ୍ଧାର କାର୍ଯ୍ୟ ହୋଇ ନ ଥିବା ବିଷୟ ବିଧାନସଭାରେ ଉପସ୍ଥାପନ କରାଯିବ ବୋଲି ପ୍ରତିନିଧି ମଣ୍ଡଳୀ ସୂଚନା ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀ ଖୁଣ୍ଟଗାଁ, ଲହୁଣୀପଡ଼ା, ଗୁରୁଣ୍ଡିଆ, କୁଣ୍ଡେଇଡ଼ିହା, ଜର୍ଡା, ବନେଇକେଲା ଆଦି ଅଞ୍ଚଳରୁ କେତେକ ସ୍ଥାନ ଗସ୍ତକରି ମରୁଡି ସ୍ଥିତିର ସମୀକ୍ଷା କରିଥିଲେ।

# ଆରମ୍ଭ ହେଲା ଟସର ସିଲ୍କ ପାର୍କ ନିର୍ମାଣ

ଲହୁଣୀପଡ଼ା/ବଣାଇ, ୨୮।୮(ଡି.ଏନ୍.ଏ./ସ୍ୱ.ପ୍ର.)

**ପ୍ରବଳ ବିରୋଧ ସତ୍ତ୍ୱେ ନିର୍ଦ୍ଧାରିତ ଜମିରେ ପୋଲିସ ଫୋର୍ସ ଉପସ୍ଥିତିରେ ଆରମ୍ଭ**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଖୁଣ୍ଟୁଗାଁଠାରେ ବହୁ ପ୍ରତୀକ୍ଷିତ ଟସର ସିଲ୍କି ପାର୍କର ନିର୍ମାଣ କାର୍ଯ୍ୟ ପ୍ରବଳ ବିରୋଧ ସତ୍ତ୍ୱେ ନିର୍ଦ୍ଧାରିତ ଜମିରେ ପୋଲିସ ଫୋର୍ସ ଉପସ୍ଥିତିରେ ପ୍ରଶାସନ ପକ୍ଷରୁ ଶନିବାର ଆରମ୍ଭ ହୋଇଛି। ଖୁଣ୍ଟୁଗାଁଠାରେ ଜିଲା ଖଣିଜ ପାଣ୍ଠି ୨୪କୋଟି ବ୍ୟୟ ଅଟକଳରେ ଓ ୫ଏକର ଜମି ମଧ୍ୟରେ ହେବାକୁ ଥିବା ଟସର ସିଲ୍କ ପାର୍କକୁ ସ୍ଥାନୀୟ କେତେକ ଲୋକ ବିରୋଧ କରୁଥିବାବେଳେ ଆଉ କିଛି ଲୋକ ସମର୍ଥନ ଜଣାଇ ଆସୁଥିଲେ। ଉକ୍ତ ସ୍ଥାନରେ ଟସର ସିଲ୍କି ପାର୍କ ନିର୍ମାଣକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀ ଭିନ୍ନଭିନ୍ନ ସମୟରେ ସରପଞ୍ଚ, ବିଡ଼ିଓ, ତହସିଲଦାର, ଉପଜିଲାପାଳ, ଜିଲାପାଳ, ବିଧାୟକ, ସାଂସଦ, ବିଭାଗୀୟ ମନ୍ତ୍ରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଥିବା ନଜିର ରହିଛି। ଉକ୍ତ ସ୍ଥାନରେ ନ କରି ଅନ୍ୟ କୌଣସି ସ୍ଥାନରେ କରାଯାଉ ବୋଲି ଦାବି ହେଉଥିବା ସତ୍ତ୍ୱେ ସେହି ସ୍ଥାନରେ ପ୍ରଶାସନ ତରଫରୁ ଶନିବାର ପୋଲିସ ଫୋର୍ସ ଉପସ୍ଥିତିରେ କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। କାରଣ ନିର୍ଦ୍ଧାରିତ ଜମି ପାର୍ଶ୍ୱରେ ଖୁଣ୍ଟୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଥିବାବେଳେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଖେଳପଡିଆ ଭାବେ ସେହି ଜାଗାକୁ ଦୀର୍ଘ ବର୍ଷ ହେବ ବ୍ୟବହାର କରି ଆସୁଛନ୍ତି। ସେହି ଜାଗାକୁ ଲାଗି ରହିଛି ଖୁଣ୍ଟୁଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।


ଖୁଣ୍ଟୁଗାଁ ପଞ୍ଚାୟତ ମୁଖ୍ୟ ଫାଟକରେ ଲୋକେ ତାଲା ପକାଇଛନ୍ତି।

ସ୍ୱାସ୍ଥ୍ୟ ସେବାରେ ବ୍ୟାଘାତ ସୃଷ୍ଟି ହେବା ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଖେଳକୁଦରୁ ବଞ୍ଚିତ ହେବା ଦର୍ଶାଇ ଉକ୍ତ ସ୍ଥାନରେ ଟସର ସିଲ୍କ ପାର୍କ ନିର୍ମାଣକୁ ବିରୋଧ କରିବା ସହିତ ସ୍ଥାନାନ୍ତର କରିବା ପାଇଁ ଦାବିକରି ଆସୁଥିଲେ। ଶନିବାର ସେହି ସ୍ଥାନରେ ଟସର ସିଲ୍କି ପାର୍କର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ଦେଖିବାକୁ ମିଳିଛି। ଏଥିପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୟଦ ମଜବୁର ରେହେମାନଙ୍କ ନେତୃତ୍ୱରେ ଉପଖଣ୍ଡ ପୋଲିସ ଅଧିକାରୀ ସୌରଭ ଓଡ୍ଡା, ପନ୍ଦର ଜଣ ପୋଲିସ ଅଧିକାରୀ, ଚାରି ପ୍ଲାଟୁନ ପୋଲିସ ଫୋର୍ସ ଏବଂ ମାଜିଷ୍ଟ୍ରେଟ ଭାବେ ଲହୁଣୀପଡ଼ା ତହସିଲଦାର ମୁରଲୀଧର ଉରମାଲ, ବଣାଇ ତହସିଲଦାର ଶୁଶୀଲ କୁଜୁରଙ୍କ ଉପସ୍ଥିତିରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୋଲିସ ଓ ପ୍ରଶାସନର କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାରୁ ବିରୋଧ କରୁଥିବା ସ୍ଥାନୀୟ ଲୋକ ଏ ସମ୍ପର୍କରେ ସ୍ଥାନୀୟ ଖୁଣ୍ଟୁଗାଁ ସରପଞ୍ଚ ଅଜୟ କୁମାର ନାଏକଙ୍କୁ ଡାକିଥିଲେ ମଧ୍ୟ ସେ ଘଟଣାସ୍ଥଳକୁ ନ ଆସିବାରୁ ଅସନ୍ତୋଷ ପ୍ରକାଶ କରିବା ସହିତ ସଂଘବଦ୍ଧ ଭାବେ ଆସି ଖୁଣ୍ଟୁଗାଁ ପଞ୍ଚାୟତ ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଏ ସମ୍ପର୍କରେ ଖୁଣ୍ଟୁଗାଁ ସରପଞ୍ଚ ଅଜୟ କୁମାର ନାଏକଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ମୋତେ କେହି ଡାକି ନାହିଁ। ଏହି ପ୍ରକଳ୍ପ ନିର୍ମାଣ ହେବା ଦ୍ୱାରା ଅଞ୍ଚଳରେ ସ୍ଥାନୀୟ ଯୁବତୀଯୁବକ ଆତ୍ମନିଯୁକ୍ତି ପାଇବାର ସୁଯୋଗ ପାଇବେ ଏବଂ ଅଞ୍ଚଳର ଉନ୍ନତି ହେବ। ସେହି ଜାଗାରେ ଟସର ସିଲ୍କି ପାର୍କ ନିର୍ମାଣ କରାଗଲେ କୌଣସି କ୍ଷତି ହେବ ନାହିଁ ବୋଲି ପ୍ରକାଶ କରିଥିଲେ।

## ବିଙ୍ଗହ୍ୟୁମାନ ଫାଉଣ୍ଡେସନ ମହିଳା ଶାଖା ଉଦ୍‌ଘାଟିତ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର କଲ୍ୟାଣ ମଣ୍ଡପଠାରେ ବିଙ୍ଗହ୍ୟୁମାନ ଫାଉଣ୍ଡେସନର ମହିଳା ଶାଖା ଉଦ୍‌ଘାଟିତ ହୋଇଯାଇଛି । ସଭାରେ ବ୍ଲକ ସଭାପତି ସଂଯୋଗ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଓଡିଶା କିନ୍ନର ମହାସଂଘ ସଭାପତି ମୀରା ପରିଡା, ସମାଜସେବୀ ସାଧନା ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ସୋମନାଥ ମିଶ୍ର, ଆଗଲପୁର ବ୍ଲକ ଉପଦେଷ୍ଟା ମନମୋହନ ପଟେଲ ମଞ୍ଚାସୀନ ହୋଇଥିଲେ । ସମାଜରେ ମହିଳାମାନେ କିଭଳି ଅଗ୍ରସର ହେଉଛନ୍ତି ତାହା ଉପରେ ଅତିଥିମାନେ ମତ ରଖିଥିଲେ । ଅସହାୟ ମହିଳାଙ୍କୁ ସହାୟକ ହେବା ପାଇଁ ଉକ୍ତ ମହିଳା ଶାଖା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଉପଦେଷ୍ଟା ମନମୋହନ ପଟେଲ କହିଥିଲେ। ଦେବାକୀ ସାହୁଙ୍କୁ ଶାଖା ସଭାନେତ୍ରୀ ଦାୟିତ୍ୱ ପ୍ରଦାନ କରଯାଇଥିଲା ।

### ଆଜି କ'ଣ କେଉଁଠି

ସମ୍ବଲପୁର

- ଜାତୀୟ କ୍ରୀଡା ଦିବସରେ ସାଇକେଲ ରାଲି, ଚାଉଁରପୁର ଛକ, ସକାଳ ସାଢେ ୭ଟା
- ବିକାଶ ଡାକ୍ତରଖାନା ଓ ପଣ୍ଡା ବିକାଶ କ୍ୟାନସର ଡାକ୍ତରଖାନା ଶୁଭାରମ୍ଭ, ବରେଇପାଲି ଶିଳ୍ପାଞ୍ଚଳ, ପୂର୍ବାହ୍ନ ୧୧ଟା ।
- ଓୟୁଜେର ସୁବର୍ଣ୍ଣ ଜୟନ୍ତୀ, ତପସ୍ୱିନୀ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା ।

### ସଂକ୍ଷେପରେ

## ପରିବେଶ ସଚେତନତା କାର୍ଯ୍ୟକ୍ରମ



ସମ୍ବଲପୁର,୨୮।୮ (ବ୍ୟୁରୋ): ସମ୍ବଲପୁର ସେଣ୍ଟ ଜୋନ ସ୍କୁଲ ପରିସରରେ ଶନିବାର ପରିବେଶ ସଚେତନତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଅଧକ୍ଷ ଫାଦର ଅନୀଲ କୁଜୁରଙ୍କ ପରିଚାଳନାରେ ଛାତ୍ରୀଛାତ୍ର, ଅତିଥି ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ପରବେଶ ସୁରକ୍ଷା ଏବଂ ବୃକ୍ଷର ଯତ୍ନ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ସୁସ୍ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ନନ୍ଦପଡା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ

ସମ୍ବଲପୁର,୨୮।୮(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ନନ୍ଦପଡାରେ ଅଘୋଷିତ ବିଦ୍ୟୁତ୍ କାଟ ଲାଗିରହିଛି। ଶନିବାର ଏ ନେଇ ଚିତ୍ରୋତ୍ପଳା ଯୁବକ ସଂଘ ସଭ୍ୟମାନେ ଅଇଁଠାପାଲିସ୍ଥିତ ଟିପିଡବ୍ଲ୍ୟୁଓଡିଏଲ୍ ଆରକ୍ଷୀ ନିର୍ବାହୀ ଯନ୍ତ୍ରୀ ଡମ୍ବରୁଧର ଓଝାଙ୍କୁ ଭେଟି ସମସ୍ୟା ସମାଧାନ କରିବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

## ପୂଜା ମୃତ୍ୟୁ ମାମଲା, ସ୍ୱାମୀ ଦୋଷୀ ସାବ୍ୟସ୍ତ

ଟିଟିଲାଗଡ଼,୨୮।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ଟାଙ୍ଗରପଡାର ପୂଜା ସୁନା ମୃତ୍ୟୁ ମାମଲାର ରାୟ ପ୍ରକାଶ ପାଇଛି। ଶନିବାର ସ୍ଥାନୀୟ ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ରାଜକୁମାର ଦାଶଙ୍କ ଅଦାଲତ ଅଭିଯୁକ୍ତ ସ୍ୱାମୀ ଅନିଲ ସିଂଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୀଡିତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସରକାରୀ ଅଧିବକ୍ତା ସୁଧିର ମିଶ୍ରଙ୍କ ସୂଚନା ମତେ ଗତ ତା୨୨।୬।୧୭ ରିଖ ରାତିରେ ପୂଜା ଘରେ ଶୋଇଥିବା ବେଳେ ତାଙ୍କ ସ୍ୱାମୀ ଅନୀଲ ବେକରେ ଓଢଣୀ ଭିଡି ହତ୍ୟା କରିଥିବା ଟିଟିଲାଗଡ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା(ନଂ. ୧୯୯/୨୧)ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିଲା। ଗିରଫ ପରଠାରୁ ଅନୀଲ ଟିଟିଲାଗଡ ଉପକାରାଗାରରେ ବିଚାରାଧୀନ କଏଦୀ ଭାବରେ ଅଛନ୍ତି। ପୋଲିସ ଚାର୍ଜସିଟ ତଥା ପାରିପାର୍ଶ୍ୱିକ ସ୍ଥିତିକୁ ବିଚାର କରି ଅଦାଲତ ଏହି ରାୟ ପ୍ରକାଶ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୧ରେ ଦଣ୍ଡ ରାୟ ଶୁଣାଣୀ ପାଇଁ ଦିବସ ଧାର୍ଯ୍ୟ ହୋଇଥିବା ସରକାରୀ ଅଧିବକ୍ତା ମିଶ୍ର ସୂଚନା ଦେଇଛନ୍ତି।

## କ୍ଷେତରୁ ମାଟି ଉଠୁନି, ମିଳୁନି କ୍ଷତିପୂରଣ

ଲାଠୋର,୨୮।୮(ଡି ଏନ ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅନ୍ତର୍ଗତ ତଲିପଡାରେ ଥିବା ମହାବନ୍ଧର ମାଟି ଉନ୍ନତୀକରଣ କରାଯାଉଛି। ଉଠାଯାଇଥିବା ମାଟି ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଜମିରେ ପକାଇ ଦିଆଯାଇଛି। ଜମିର ୭୫ପ୍ରତିଶତ ଅଂଶ ମାଟିରେ ଢାଙ୍କି ହୋଇଯିବାରୁ ଚଳିତବର୍ଷ ସେ ଫସଲ କରି ପାରିନାହାନ୍ତି। କ୍ଷତିଗ୍ରସ୍ତ ଚାଷୀ ତଲିପଡାର କାଳିଆ ମେହେର ଏ ନେଇ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କୁ ଗତ ୧୮ତାରିଖରେ ଫେରାଦ ହୋଇଥିଲେ। ଇତିମଧ୍ୟରେ ୧୦ଦିନ ବିତିଯାଇଥିଲେ ବି ପ୍ରଶାସନ ତାଙ୍କୁ କ୍ଷତିପୂରଣ ପ୍ରଦାନ କରିନାହିଁ କିମ୍ବା ମାଟି ଉଠାଇନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ସମସ୍ୟାର ସମାଧାନ ପାଇଁ ସରପଞ୍ଚଙ୍କୁ କୁହାଯାଇଛି। ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ସରପଞ୍ଚ ପ୍ରବୀଣ ଅଗ୍ରୱାଲ।

# ମାନବ ଶୃଙ୍ଖଳ କରି ପ୍ରତିବାଦ

ସମ୍ବଲପୁର,୨୮।୮ (ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମର ହୀରାକୁଦଠାରେ ଏକ ବିଦେଶୀ ମଦ ଦୋକାନ ଖୋଲାଯିବା ନେଇ ଟେଣ୍ଡର ପ୍ରକ୍ରିୟା ହୋଇଛି। ଏହି ମଦ ଦୋକାନକୁ ଅଞ୍ଚଳବାସୀ ବିରୋଧ କରିଆସୁଛନ୍ତି। ଶନିବାର ସେମାନେ ରେମେଡ-ହୀରାକୁଦ ରାସ୍ତାରେ ମାନବ ଶୃଙ୍ଖଳ କରି ପ୍ରତିବାଦ କରିଥିଲେ। ଶକ୍ତିନଗର ଓ ଝାଙ୍କରପଡାର ଶତାଧିକ ମହିଳାପୁରୁଷ ଓ ଛୋଟ ପିଲା ପ୍ଲାକାର୍ଡ ଧରି ରାସ୍ତା କଡରେ ଛିଡା ହୋଇଥିଲେ। ଦୁର୍ଗା ମନ୍ଦିରଠାରୁ ଝାଙ୍କରପଡା ପର୍ଯ୍ୟନ୍ତ ଲୋକଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ମଦମୁକ୍ତ କରି ଆଦର୍ଶ ଗ୍ରାମ ଗଢି ତୋଳିବାରେ ସରକାର ସହଯୋଗ କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ଅଭିଯୋଗ କ୍ରମେ ମଦ ଦୋକାନ ଖୋଲିବା ପାଇଁ ଶକ୍ତିନଗର ନିକଟରେ ସ୍ଥାନ ଚିହ୍ନଟ ହୋଇଛି। ଦୋକାନ ଖୋଲିଲେ ଝାଙ୍କରପଡା, ଶକ୍ତିନଗର ସମେତ ଆଖପାଖ ଅଞ୍ଚଳବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ନିକଟରେ ଦୁର୍ଗା ମନ୍ଦିର, ଏକ ଘରୋଇ ଆଇଟିଆଇ କଲେଜ, ହୀରାକୁଦ ଡିଗ୍ରୀ କଲେଜ ରହିଛି। ସେହି ରାସ୍ତାରେ ଅଞ୍ଚଳର ଲୋକେ ଯିବାଆସିବା କରୁଥିବାବେଳେ ହିଣ୍ଡାଲ୍‌କୋ କମ୍ପାନୀକୁ ପ୍ରତିଦିନ ଶତାଧିକ ଟ୍ରକ୍ ଯାତାୟାତ କରୁଛି। ଏହି ସ୍ଥାନରେ ମଦ ଦୋକାନ ଖୋଲିଲେ ଗାଡିଗୁଡିକ ଅଟକି ରହିବ। ମଦ ଦୋକାନ ସମ୍ମୁଖରେ ଅସାମାଜିକ ପରିବେଶ ସୃଷ୍ଟି ହେବ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ମଦ ଦୋକାନ ନ ଖୋଲିବାକୁ ସେମାନେ ଦାବି କରିଥିଲେ। ପୂର୍ବରୁ ଦୋକାନ ଖୋଲବା ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଉପସ୍ଥିତିରେ ଦୋକାନ କର୍ମଚାରୀଙ୍କୁ ଲୋକେ ଫେରାଇ ଦେଇଥିଲେ।



ରେମେଡ-ହୀରାକୁଦ ରାସ୍ତାରେ ପ୍ଲାକାର୍ଡ ଧରି ପ୍ରତିବାଦ ଜଣାଉଛନ୍ତି ଲୋକେ।

### ହୀରାକୁଦରେ ବିଦେଶୀ ମଦ ଦୋକାନକୁ ବିରୋଧ

# ଆଇଆଇଏମ୍‌ରେ ଏକ୍‌ଜିକ୍ୟୁଟିଭ ଏମ୍‌ବିଏ ଆରମ୍ଭ

ସମ୍ବଲପୁର,୨୮।୮(ବ୍ୟୁରୋ)

ସମ୍ବଲପୁର ଆଇଆଇଏମ୍‌ରେ ଏକ୍‌ଜିକ୍ୟୁଟିଭ ଏମ୍‌ବିଏ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଶନିବାର ଏହି ପାଠ୍ୟକ୍ରମ ଉଦ୍‌ଘାଟନ ହେବା ସହ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୈସ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମହେନ୍ଦ୍ରା ବୀମା କମ୍ପାନୀ ଅଧ୍ୟକ୍ଷ ରାଜୀବ ଦୁବେ, ସାମସଙ୍ଗ କମ୍ପାନୀ ମାନବ ସମ୍ବଳ ଅଧିକାରୀ ସନ୍ଦୀପ ତ୍ୟାଗୀ ଭର୍ଚୁଆଲରେ ସାମିଲ ହୋଇଥିଲେ। ସମ୍ମିଳନୀ କକ୍ଷରେ ଏମ୍‌ବିଏ ଅଧ୍ୟକ୍ଷା ଶିଖା ଭରଦ୍ୱାଜ, ପ୍ରଫେସର ମେରଲିନ ନନ୍ଦୀ ଉପସ୍ଥିତ ଥିଲେ। ଏହି ପାଠ୍ୟକ୍ରମରେ ବୀମା, ବ୍ୟାଙ୍କ, ଘରୋଇ କମ୍ପାନୀ, କଳକାରଖାନା ଆଦି କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ ନାମ ଲେଖାଇଛନ୍ତି। ପ୍ରଥମ ବ୍ୟାଚ୍‌ରେ ୯ ମହିଳା ଓ ୪୬ ପୁରୁଷ ମୋଟ ୫୪ ଜଣ ନାମ ଲେଖାଇଛନ୍ତି। ଏହାମଧ୍ୟରେ ୨ ଜଣ ଜର୍ମାନୀ ଛାତ୍ର ଅଛନ୍ତି। ବିଭିନ୍ନ କ୍ଷେତ୍ରରେ ୯ ବର୍ଷରୁ ୧୫ ବର୍ଷର ଅଭିଜ୍ଞତା ଥିବା କର୍ମଚାରୀମାନେ ନାମ ଲେଖାଇଛନ୍ତି। ପ୍ରତି ସପ୍ତାହାନ୍ତରେ କ୍ଲାସ ହେବ। ଅନ୍‌ଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ ପାଠ ପଢାଯିବ। ଛାତ୍ରୀଛାତ୍ର ନିଜ ସୁବିଧାରେ ଅଧ୍ୟୟନ କରିପାରିବେ। ଭର୍ଚୁଆଲ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ୨୦୨୧ ମାର୍ଚ୍ଚରେ ଆଇଆଇଏମ୍ ପକ୍ଷରୁ ଏକ୍‌ଜିକ୍ୟୁଟିଭ ଏମ୍‌ବିଏ ପାଠ୍ୟକ୍ରମ ପାଇଁ ଘୋଷଣା କରାଯାଇଥିଲା। ଏହା ପରଠାରୁ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅଗଷ୍ଟ ସୁଦ୍ଧା ଚଳିତ ବର୍ଷ ମୋଟ ୫୪ ଜଣ ନାମ ଲେଖାଇଛନ୍ତି।



ପାଠ୍ୟକ୍ରମ ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

# ଭିଏସ୍‌ଏସ୍ ଷ୍ଟାଡିୟମରେ ସୁସ୍ଥ ଦୌଡ଼

ସମ୍ବଲପୁର,୨୮।୮ (ବ୍ୟୁରୋ)

ନେହେରୁ ଯୁବକେନ୍ଦ୍ର ଓ ଜାତୀୟ ସେବା ଯୋଜନା ପକ୍ଷରୁ ଜିଲାସ୍ତରୀୟ ଅମୃତ ମହୋତ୍ସବ ଶନିବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ଯୁବକ ସଂଘ ଓ ନେହେରୁ ଯୁବକ ସଂଘ ସଭ୍ୟା ସଭ୍ୟ ସୁସ୍ଥ ଦୌଡରେ ଭାଗ ନେଇଥିଲେ। ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ଅଧିକାରୀ ମାରିୟାନୁସ ବିଲୁଙ୍ଗଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣ ସକାଶେ ମନ ଓ ଶରୀରକୁ ସୁସ୍ଥ ରଖିବାକୁ ହେବ ବୋଲି ଆହ୍ୱାନ ଦେଇଥିଲେ। ସମ୍ବଲପୁର ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ସଂଯୋଜକ ସୁମନ କେର୍କେଟା ଅତିଥି ଭାବେ ଯୋଗଦେଇ କ୍ରୀଡା ଓ ଶରୀର ବିଷୟରେ ସୂଚନା ଦେଇଥିଲେ। ସମ୍ବଲୁପର ଜିଲା ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ବିଶ୍ୱମୋହନ ଜେନା କାର୍ଯ୍ୟକ୍ରମ ସଂଯୋଜନା ଓ ମାନଧାତା ବାବା ମହାବିଦ୍ୟାଳୟ ଅଧ୍ୟାପକ ଡ. ସତ୍ୟନାରାୟଣ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଏସ୍ ମିଶ୍ର, ଶମ୍ଭୁନାଥ ବିଶ୍ୱାଳ, ଡ. ପ୍ରିୟଙ୍କା ପତି, ସୁନିତା ପଣ୍ଡା, ସିମାନ୍ତିକା ଦାସ, ସୁଶାନ୍ତ ଶତପଥି, ସାନ୍ତନୁ ପ୍ରଧାନ, ଦୀପ୍ତି କାନ୍ତ ସିଂ କାର୍ଯ୍ୟକ୍ରମରେ ସାମିଲ ଥିଲେ।



ସୁସ୍ଥ ଦୌଡରେ ଭାଗ ନେଇଥିବା ଛାତ୍ରୀଛାତ୍ର, ଅଧ୍ୟାପକ ଓ ସାମାଜିକ କର୍ମୀ।

### ଜିଲାସ୍ତରୀୟ ଅମୃତ ମହୋତ୍ସବ

# ସିଆର୍‌ପିଏଫ୍‌ର ଜନ ସମ୍ପର୍କ ଶିବିର

ଖପ୍ରାଖୋଲ,୨୮।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅନ୍ତର୍ଗତ ସୁନାମଦୀ ଗାଁରେ ସିଆରପିଏଫ୍ ୧୮୯ ବାଟଲିଅନ ତରଫରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଣ୍ଟ ଯୁଗେନ୍ଦ୍ର ସିଂ ମୋର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଶିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖବିନ୍ଦର ସିଂ, ବିଶ୍ୱାବସୁ ଶବର ସଂଘ ବ୍ଲକ ସଭାପତି ବସନ୍ତ ନାଗ, ଆଞ୍ଚଳିକ କେନ୍ଦ୍ର ଅଧ୍ୟକ୍ଷ ନୃପ ନାଗ, ଟଙ୍କପାଣି ସରପଞ୍ଚ ଉତ୍ତର କୁମାର ଭୋଇ, ଅର୍ଜୁନ ବାଗ, ବୈବସ୍ୱତ ବାଗ, ରବିନ୍ଦ୍ର ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ତିନିମାସର କମ୍ପ୍ୟୁଟର ତାଲିମ ନେଇଥିବା ୨୦ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ କମ୍ପ୍ୟୁଟର ତାଲିମ ଓ ଜନସମ୍ପର୍କ କାର୍ଯ୍ୟକ୍ରମ ହାତକୁ ନିଆଯିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

# ଜିଲାପାଳଙ୍କ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ

ଝାରସୁଗୁଡ଼ା ଅଫିସ,୨୮।୮

ଝାରସୁଗୁଡା ଜିଲାପାଳ ସରୋଜ କୁମାର ସାମଲ ଶନିବାର ବିଭାଗୀୟ ଅଧିକାରୀଙ୍କ ସହ ମିଶି ଲଖନପୁର ବ୍ଲକ୍‌ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ଏହି ଗସ୍ତ କାଳରେ ସେ କଣ୍ଡେଇକେଲା ପଞ୍ଚାୟତର ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ, କଣ୍ଡେଇକେଲା-ସୁଖାସୋଡା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରାସ୍ତା, ମହାନଦୀ ଉପରେ ନିର୍ମାଣାଧୀନ ମହୁଲପାଲି ସେତୁ, ଚାରପାଲି ପଞ୍ଚାୟତ ମିଶନଶକ୍ତି, ପିଥିଣ୍ଡା ପଞ୍ଚାୟତରେ ମରୁଡି ସ୍ଥିତି, କନକତୋରା ଓ ପଲସଦା ପଞ୍ଚାୟତର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚଗାଁ ପଞ୍ଚାୟତର ସିଏସ୍‌ଆର୍ କାମ, ଲୋକକଳା, ମଚିଦା ପଞ୍ଚାୟତରେ ଓଡ଼ିଶା ଜୀବିକା ମିଶନ, ଲଖନପୁର ପଞ୍ଚାୟତର କିଚେନ୍ ଗାର୍ଡେନ୍ ଓ ଆମ୍ବ ବଗିଚା, କୁଶ୍ରାଲୋଇ ପଞ୍ଚାୟତର ଅଡାପଡା ଜେଏଲ୍ ହାଇସ୍କୁଲ ପରିଦର୍ଶନ କରିଥିଲେ। ଜିଲାପାଳ ସାମଲ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି କାର୍ଯ୍ୟ ଅଗ୍ରଗତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଡିଆର୍‌ଡିଏ ପିଡି ତପିରାମ ମାଝି, ବିଡିଓ ସଞ୍ଜୀବ ପଟେଲ, ତହସିଲଦାର ବିଶ୍ୱକେଶନ ପାଣ୍ଡେ, ଏବିଡିଓ ଗୋପାଳ କୃଷ୍ଣ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ହରିବନ୍ଧୁ ସାହୁ, କନିଷ୍ଠଯନ୍ତ୍ରୀ ଟିକନାଥ ଭଇଁସା ପ୍ରମୁଖ ଉପସ୍ଥିତ ଥିଲେ।



କଣ୍ଡେଇକେଲା-ସୁଖାସେଢା ରାସ୍ତାକୁ ନେଇ ଜିଲାପାଳ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି।

# ତଲାବିରା କୋଇଲା ଖଣି ବିବାଦ: ଟ୍ରକ୍ ମାଲିକ ସଂଘର ଧାରଣ

ସମ୍ବଲପୁର,୨୮।୮(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ତଲାବିରା କୋଇଲା ଖଣି ୧ ଓ ୨ରେ ବିବାଦ ଲାଗିରହିଛି। ଶନିବାର ଟ୍ରକ୍ ମାଲିକ ସଂଘ ପକ୍ଷରୁ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। କମ୍ପାନୀ ବିଭିନ୍ନ ଆଳ ଦେଖାଇ ମାଲିକମାନଙ୍କୁ ହଇରାଣ କରୁଛି। କମ୍ପାନୀ ନିଜର ଟ୍ରକ୍ ବ୍ୟବହାର କରି କୋଇଲା ପରିବହନ କରିବାକୁ ଯୋଜନା କରିଛି। ତେଣୁ ଓଜନ କରିବା ମେଶିନ ଜାଣି ଶୁଣି ବନ୍ଦ କରିଦିଆଯାଇଛି। ବାରମ୍ବାର ଏ ନେଇ ପ୍ରଶାସନକୁ ଅଗଗତ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ତେଣୁ ଧାରଣା ଦିଆଯାଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। କମ୍ପାନୀ ଯଦି କୌଣସି ନିଷ୍ପତ୍ତି ନ ନେବ ତା'ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର କିଶୋର ପତି, ପଦ୍ମଲୋଚନ ଧର, ପୀତାମ୍ବର ବିଶ୍ୱାଳ, ପ୍ରଫୁଲ୍ଲ ପ୍ରଧାନ, ଡୋଲାମଣି ରାଉତ, ସୁଶାନ୍ତ ପ୍ରଧାନ, କମଳିନୀ ରାୟ ପ୍ରମୁଖ ସାମିଲ ଥିଲେ।



କୋଇଲା ଖଣି ସମ୍ମୁଖରେ ଧାରଣା ଦିଆଯାଇଛି।

# ସେପ୍ଟେମ୍ବର ୧୫ ପରେ ତାଲା

ସମ୍ବଲପୁର,୨୮।୮(ବ୍ୟୁରୋ)

ସମ୍ବଲପୁରର ହୀରାକୁଦସ୍ଥିତ ହିଣ୍ଡାଲ୍‌କୋ କମ୍ପାନୀ ଏଫ୍‌ଆର୍‌ପି ଶ୍ରମିକ ସଙ୍ଗଠନ ସହ ଚୁକ୍ତିନାମାରେ ଖିଲାପ କରିଛି। ମିଆଦ ଶେଷ ହୋଇଥିଲେ ମଧ୍ୟ ନୂତନ ଚୁକ୍ତି କରୁନାହିଁ। ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ଚୁକ୍ତି କରା ନ ଗଲେ ଶ୍ରମ ଅଫିସରେ ତାଲା ପକାଇ ଦିଆଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ନେଇ ଜିଲାପାଳ ଦାୟିତ୍ୱରେ ଥିବା ଡିଆର୍‌ଡିଏ ପିଡି ସୁକାନ୍ତ ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମିକ ସଙ୍ଗଠନ ଅଭିଯୋଗ କରିଛି ଯେ, ଶ୍ରମିକମାନଙ୍କ ଦରମା, ସାମାଜିକ ନିରାପତ୍ତା, ପଦୋନ୍ନତି ସ୍ଥିର କରାଯାଇଥିଲା। ହେଲେ କମ୍ପାନୀ କର୍ତ୍ତୃପକ୍ଷ ୧୮ ମାସ ବିତିଯାଇଥିଲେ ମଧ୍ୟ ନୂତନ ଚୁକ୍ତି କରୁନାହିଁ। ପୂର୍ବରୁ ଜିଲା ଶ୍ରମ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଶ୍ରମିକମାନେ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଏଫ୍‌ଆର୍‌ପି କର୍ମଚାରୀ ସଂଘ ଉପଦେଷ୍ଟା ସଞ୍ଜିତ ମହାନ୍ତି, ହିନ୍ଦ୍ ମଜ୍‌ଦୁର ମହାସଂଘର ଯୋଗେନ୍ଦ୍ର ତ୍ରିପାଠୀ, ଉପସଭାପତି ଗୋକୁଳ ମେହେର, ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ଦୀନବନ୍ଧୁ ବେହେରା, ବିଜୁ ଛାତ୍ର ବିଜେଡି ଜିଲା ସଭାପତି ମିଳନ ହୋତା, ବଲରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# କାଲିବାହାଲରେ ପ୍ରସ୍ତାବିତ ପ୍ରକଳ୍ପକୁ ବିରୋଧ

ଝାରସୁଗୁଡ଼ା ଅଫିସ,୨୮।୮

ଝାରସୁଗୁଡା ଏକ ଶିଳ୍ପ ସମୃଦ୍ଧ ଜିଲା ମାନ୍ୟତା ପାଇଥିବାବେଳେ ମାତ୍ରାଧିକ ପ୍ରଦୂଷଣ ଜିଲାବାସୀଙ୍କ ମୁଖ୍ୟ ସମସ୍ୟା ହୋଇଛି। ତେଣୁ ଜିଲାବାସୀ ପ୍ରସ୍ତାବିତ ପ୍ରକଳ୍ପକୁ ବିରୋଧ କରୁଥିବା ଦେଖିବାକୁ ମିଳୁଛି। ଲଖନପୁରରେ ହେବାକୁ ଥିବା ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପର ପରିବେଶ ମଞ୍ଜୁରୀ ପାଇଁ ଗତ ଶୁକ୍ରବାର ଜନଶୁଣାଣି ରହିଥିବାବେଳେ ଅଞ୍ଚଳବାସୀ ଏହାକୁ ବିରୋଧ କରିଥିଲେ। ଫଳରେ ଜିଲା ପ୍ରଶାସନ ଜନଶୁଣାଣିକୁ ସ୍ଥଗିତ ରଖିବାକୁ ବାଧ୍ୟ ହୋଇଥିଲେ। ଏହାର ଗୋଟିଏ ଦିନ ପରେ କୋଲାବିରା ତହସିଲ ପତ୍ରାପାଲି ଆର୍‌ଆଇ ସର୍କଲର କାଲିବାହାଲ ଗ୍ରାମ ନିକଟରେ ହେବାକୁଥିବା ୨ପ୍ରକଳ୍ପକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହି ପ୍ରକଳ୍ପ ଉଦ୍ଦେଶ୍ୟରେ ଜମି ଚିହ୍ନଟ ପାଇଁ ଶନିବାର ରାଜସ୍ୱ ବିଭାଗ ପରମାନପୁର ମୌଜାରେ ପହଞ୍ଚିଥିବାବେଳେ ଏହାକୁ କାଲିବାହାଲ ଗ୍ରାମବାସୀ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ଦାବିଥିଲା ଏହା ସଂରକ୍ଷିତ ଜଙ୍ଗଲ ହୋଇଥିବାବେଳେ ଶିଳ୍ପ ଉଦ୍ଦେଶ୍ୟରେ ଏହାକୁ ନଷ୍ଟ କରିବାକୁ ଦିଆଯିବନାହିଁ। ଏ ନେଇ କୋଲାବିରା ତହସିଲଦାର ଦିଲୀପ ପ୍ରଧାନ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଲିଖିତ ଭାବେ ଜଣାଇବା ପାଇଁ କହିଥିଲେ। ଗ୍ରାମବାସୀ ବହୁଶୀଘ୍ର ତାଙ୍କୁ ଲିଖିତ ଜଣାଇବେ ବୋଲି କହିଛନ୍ତି। ଗ୍ରାମବାସୀଙ୍କ ଏଭଳି ବିରୋଧ ଯୋଗୁ ରାଜସ୍ୱ ବିଭାଗ ଅଧିକାରୀ ଜମି ଚିହ୍ନଟ ନ କରି ଫେରିଯିବା ପାଇଁ ବାଧ୍ୟ ହୋଇଛନ୍ତି। ଏହି ଜମି ଚିହ୍ନଟ ପାଇଁ ଯାଇଥିବା ଅଧିକାରୀଙ୍କ ମଧ୍ୟରେ ତହସିଲଦାର ପ୍ରଧାନ, ଡିଆଇସି ଅଧିକାରୀ ବାସୁଦେବ ନାୟକ, ଆଇଆଇସି ସୁକୁମାର ତ୍ରିପାଠୀ, ଆର୍‌ଆଇ ସୁନିତା ବେହେରା ପ୍ରମୁଖ ରହିଥିଲେ।

ଏ ନେଇ ତହସିଲଦାର ପ୍ରଧାନ କହିଛନ୍ତି, ନିଓଟେକ୍ ଅଏଲ ପ୍ରାଇଭେଟ୍ ଲିମିଟେଡ୍ ଓ ଉତ୍କଳ ଇନୋଭେଶନ୍ ପ୍ରାଇଭେଟ ଲିମିଟେଡ କମ୍ପାନୀ ତରଫରୁ ପରମାନପୁର ମୌଜାରେ ୨ ପ୍ରକଳ୍ପ ପାଇଁ ସମୁଦାୟ ୧୩୫.୨୩ ଡେସିମିଲ ଜମି ଆବଶ୍ୟକ ରହିଛି। ଉଭୟ କମ୍ପାନୀ ଜମିପାଇଁ ଇଡ୍‌କୋ ନିକଟରେ ଆବେଦନ କରିବା ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏ ନେଇ ଜିଲା ଉଦ୍ୟୋଗ କେନ୍ଦ୍ର (ଡିଆଇସି) ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଛି। ତଦନ୍ତ ପରେ ଜଣାପଡିଛି ଏହାମଧ୍ୟରେ ରୟତି ଜମି, ଗୋଚର ଜମି, ଜଙ୍ଗଲ ଜମି, ଆବାଦଯୋଗ୍ୟ ଅନାବାଦି ଆଦି କିସମ ଜମି ରହିଛି। ଏହି ଜଙ୍ଗଲ ଜମିରେ ବହୁ ପରିମାଣରେ ଗଛ ରହିଛି। ସେ ବନ ବିଭାଗକୁ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ରାଜସ୍ୱ ବିଭାଗ ଜମି ଚିହ୍ନଟପାଇଁ ଯାଇଥିବାବେଳେ ଗ୍ରାମର ମହିଳାମାନେ ବିରୋଧ କରୁଛନ୍ତି।

### ଜମି ମାପ ନ କରି ଫେରିଆସିଲା ରାଜସ୍ୱ ବିଭାଗ

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୯ ଅଗଷ୍ଟ, ୨୦୨୧



**ସମ୍ମିଳନୀ କକ୍ଷ ଉଦ୍‌ଘାଟିତ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ଅନ୍ତର୍ଗତ ରାମପୁର ଗ୍ରାମରେ ନବନିର୍ମିତ ସମ୍ମିଳନୀ କକ୍ଷ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ ତରାସ ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ମନମୋହନ ପଟେଲ ଅତିଥିଭାବେ ଯୋଗଦେଇ ସମ୍ମିଳନୀ କକ୍ଷକୁ ଲୋକାର୍ପଣିତ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ, ପଞ୍ଚାୟତ ପ୍ରତିନିଧି ଓ ଗ୍ରାମବାସୀ ଏହି ଅବସରରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅସହାୟ ବୃଦ୍ଧଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଲେ ସ୍ୱେଚ୍ଛାସେବୀ



ଲୋଇସିଂହା,୨୮।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ସଦର ଗ୍ରାମର ଅସହାୟ ବୃଦ୍ଧ ସକାଳୁ ନାଗ(୭୦)। ତାଙ୍କର କେହି ନାହାନ୍ତି ଭିକ୍ଷା କରି ଜିଉଁଥିଲେ। ଜାଳେଣି ସଂଗ୍ରହ ବେଳେ ଟାଙ୍ଗିଆ ବାଜି ଗୋଡ ଖଣ୍ଡିଆ ହୋଇଯିବା ପରେ ତାହା ଶୁଖି ନ ଥିଲା। ଏବେ ତାହା ବଡ ଘାରେ ପରିଣତ ହୋଇଯାଇଥିଲା ଚିକିତ୍ସା ଅଭାବରେ। ତାହା ଶୁଖୁନାହିଁ ସେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଖବର ପାଇ ଗ୍ରାମର ବିକ୍ରମ ମହାନନ୍ଦ ଓ ଝସକେତନ ମହାନନ୍ଦ ନାମକ ଦୁଇଜଣ ସ୍ୱେଚ୍ଛାସେବୀ ତାଙ୍କୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଘାରେ ବ୍ୟାଣ୍ଡେଜ ପଡିଥିଲା। ସୂଚନା ପାଇ ବିଜେଡି ରାଜ୍ୟ ପରିଷଦ ସମସ୍ୟ ନିହାର ରଞ୍ଜନ ବେହେରା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଅସହାୟ ଅବସ୍ଥାରେ ୩ ଭଉଣୀ ଭାଇ

ଭବାନୀପାଟଣା/କୋକସରା/ଜୟପାଟଣା,୨୮।୮(ସ୍ୱ.ପ୍ର./ଡି.ଏନ.ଏ.)



ଅସହାୟ ଅବସ୍ଥାରେ ଥିବା ୩ ଭଉଣୀ ଭାଇ।

- ଗୋଟିଏ ବର୍ଷରେ ଚାଲିଗଲେ ମା' ବାପା, ଭାଇ
- ସରକାରୀ ସହାୟତା ଦାବି

ମୃତ୍ୟୁ ଯେମିତି ତାଙ୍କ ପରିବାରର ପିଛା ଛାଡିନାହିଁ। ପ୍ରଥମେ ଭାଇ ,ପରେ ମା' ଓ ଗତ ୧୦ ତାରିଖ ଦିନ ବାପା ଚାଲିଗଲେ ଆରପାରିକୁ। ଭାଇ ଆଉ ମା'ଙ୍କ ଅକାଳ ମୃତ୍ୟୁ ଘଟିବା ପରେ ବାପା ମିସ୍ତ୍ରୀ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ବାପା ସବୁଦିନ ପାଇଁ ଛାଡି ଚାଲିଯିବା ପରେ ନିଜ ଗୋଡରେ ଛିଡା ହୋଇ ନ ଥିବା ଛୋଟ ଝିଅ ଓ ପୁଅ ଉପରେ ଏବେ ପରିବାରର ବୋଝ। ଦୁଆର ମୁହଁରେ ବସି କାନ୍ଦି କାନ୍ଦି ଆଖିରୁ ଲୁହ ଶୁଖିଗଲାଣି। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଉଲୁଲା ଗ୍ରାମରେ। ସ୍ତ୍ରୀ ଓ ୫ ପୁଅ ଝିଅଙ୍କୁ ନେଇ ଜଗମୋହନ ନାଗଙ୍କ ଥିଲା ହସଖୁସିର ସଂସାର। ଘରେ ଥିଲେ ସ୍ତ୍ରୀ ନବୀନା, ତିନି ଝିଅ ଚନ୍ଦ୍ରିକା, ପୂର୍ଣ୍ଣମୀ , ସାନ ଝିଅ ଚମ୍ପା ଓ ୨ ପୁଅ ଲିଙ୍ଗରାଜ ଓ ଷଷ୍ଠୀ ପ୍ରସାଦ। ହେଲେ ବିଧିର ବିଧାନ ଆଗରେ ସବୁ ଖୁସି ଦୁଃଖରେ ପରିଣତ ହୋଇଗଲା। ବର୍ଷେ ନ ହେଉଣୁ ଗୋଟିଏ ପରିବାରର ୩ ସଦସ୍ୟଙ୍କୁ ଛଡାଇ ନେଇଗଲା ମୃତ୍ୟୁର ଦୂତ। ଗତବର୍ଷ କରୋନା ସମୟରେ ଭୁବନେଶ୍ୱରରେ ଏକ କଲେଜରେ ଯୁକ୍ତ ୩ ପଢୁଥିବା ପୁଅ ଲିଙ୍ଗରାଜ ରୋଗାକ୍ରାନ୍ତ ଅବସ୍ଥାରେ ଘରକୁ ଆସିଥିଲେ। ଆଉ ଏପ୍ରିଲ ମାସରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଅକୁ ଝୁରି ଝୁରି ଦେହ ଖରାପ ହେବାରୁ ମା' ନବୀନା ସେହିବର୍ଷ ସେପ୍ଟେମ୍ବର ମାସରେ ଆରପାରିକୁ ଚାଲିଗଲେ। ଏହାର କିଛି ମାସ ପରେ ଗତ ୧୦ ତାରିଖ ଦିନ ବାପା ଜଗମୋହନ ଜ୍ୱରରେ ପୀଡିତ ହୋଇ ଆରପାରିକୁ ଚାଲିଗଲେ। ବଡ ଭଉଣୀ ଚନ୍ଦ୍ରିକା ପୂର୍ବରୁ ବିବାହ କରିଥିବା ବେଳେ ଏବେ ମଝିଆ ଝିଅ ପୂର୍ଣ୍ଣମୀ ଉପରେ ପରିବାରର ବୋଝ। କିଭଳି ସାନ ଭଉଣୀ ଚମ୍ପା ଓ ଭାଇ ଷଷ୍ଠୀ ପ୍ରସାଦକୁ ଲାଳନ ପାଳନ କରିବେ ସେନେଇ ଚିନ୍ତାରେ ପୂର୍ଣ୍ଣମୀ। ଅଷ୍ଟମ ଯାଏ ପାଠ ପଢି ସିଲେଇ ଶିଖିବା ପାଇଁ ବାଙ୍ଗାଲୋରକୁ ଯାଇ ଥିଲେ ପୂର୍ଣ୍ଣମୀ। ହେଲେ ଭାଇର ମୃତ୍ୟୁ ପରେ ସେ ଗାଁକୁ ଫେରିଆସି ଆଉ ବାଙ୍ଗାଲୋରକୁ ନ ଯାଇ ଗାଁରେ ରହିଗଲେ। ତାଙ୍କ ଟେଲରିଂ ଶିକ୍ଷା ମଧ୍ୟ ଅଧୁରା ରହିଗଲା। ଚଳିତବର୍ଷ ସାନଭାଇ ଷଷ୍ଠୀ ଓ ଭଉଣୀ ଚମ୍ପା ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ କଲେଜରେ ପାଠ ପଢ଼ିବାକୁ ଚାହୁଁଥିଲେ ହେଁ ଅର୍ଥାଭାବରୁ ସେମାନଙ୍କ ଉଚ୍ଚ ଶିକ୍ଷା ସ୍ୱପ୍ନ କିପରି ସାକାର କରିବେ ସେନେଇ ଚିନ୍ତାରେ ପଡି ଯାଇଛନ୍ତି ପୂର୍ଣ୍ଣମୀ। ଏହାଛଡା କେମିତି ପରିବାର ଚଳିବ ସେ ନେଇ ଚିନ୍ତାରେ ୩ ଭାଇ ଭଉଣୀ। ବେସାହାରା ଭାଇ ଭଉଣୀଙ୍କୁ ସରକାର ପାଠ ପଢାଇବା ବ୍ୟବସ୍ଥା କରିବା ସହ ପୂର୍ଣ୍ଣମୀଙ୍କୁ ଜୀବନ ଜୀବିକା ପାଇଁ ଏକ ସିଲେଇ ମେସିନ ଦେବା ତଥା ଏହି ପରିବାରକୁ ଆବାସ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି। କୌଣସି ସହୃଦୟ ବ୍ୟକ୍ତି କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗର ହାତ ବଢାଇବାକୁ ସେମାନେ ଗୁହାରି କରିଛନ୍ତି । ଏ ନେଇ ଜୟପାଟଣା ବିଡ଼ିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚାରିବାରେ ସେମାନେ କିଭଳି ଭଲରେ ରହିବେ ସେ ଦିଗରେ ବ୍ୟବସ୍ଥା କରାଯିବ । ଏଥିସହିତ ସମାଜ ମଙ୍ଗଳ ଅଧିକାରୀ ଗାଁକୁ ଯାଇ ଦୁଇ ଭଉଣୀ ଭାଇଙ୍କ ପାଠପଢା ବିଷୟରେ ସେମାନଙ୍କ ସହିତ ଆଲୋଚନା କରି ରିପୋର୍ଟ ଦେବାକୁ କୁହାଯାଇଛି। ଯଦି ଏସଇସିସି ଲିଷ୍ଟରେ ନାମ ଅଛି ତାହେଲେ ତାଙ୍କୁ ଘର ମଧ୍ୟ ଦିଆଯିବ ବୋଲି ପ୍ରକାଶ କରିଥିଲେ।

# ଶାରୀରିକ ବ୍ୟାୟାମ ପାଇଁ ସଙ୍କଳ୍ପ



ଅମୃତ ମହୋତ୍ସବ ପାଳନ ଅବସରରେ ମାରାଥନ ଦୌଡ଼।

ବୌଦ୍ଧ,୨୮।୮(ସ୍ୱ.ପ୍ର.)

**ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ**

ବୌଦ୍ଧ ଜିଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ କଚେରି ଖେଳପଡଆଠାରେ ଅମୃତ ମହୋତ୍ସବ ଅବସରରେ ଫିଟ ଇଣ୍ଡିଆ ଫ୍ରିଡମ୍ ରନ୍ ଶନିବାର ଦିନ ହୋଇଯାଇଛି। ଉଦ୍‌ଘାଟକ ଭାବେ ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ ଅଶ୍ୱିନୀ କୁମାର ମେହେର ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ୩୦ ମିନିଟ ଶାରିରୀକ ବ୍ୟାୟାମ ନିଜେ କରିବା ସହିତ ଅନ୍ୟକୁ କରାଇବା ପାଇଁ ଉଦ୍ୟମ କରିବାକୁ ସଂକଳ୍ପ ପାଠ କରାଇଥିଲେ। ନେହେରୁ ଯୁବକେନ୍ଦ୍ରର ଜିଲା ଅଧିକାରୀ ବୋକେନ ସିଂଙ୍କ ପରିଚାଳନାରେ ଜିଲାର ସରକାରୀ ଓ ବେସରକାରୀ ଅନୁଷ୍ଠାନର ଯୁବତୀଯୁବକମାନଙ୍କୁ ନେଇ ସହର ଭିତରେ ମାରାଥନ ଦୌଡ ଅନୁଷ୍ଠିତ ହୋଇଥିଲା। ବୌଦ୍ଧ କଚେରି ପଡିଆଠାରୁ ମାରାଥନ ଦୌଡ ଆରମ୍ଭ ହୋଇ ଏନ୍.ଏ.ସି. ଛକ, ଗାନ୍ଧୀଛକ ଓ ପୋଷ୍ଟ ଅଫିସ ଛକ ଦେଇ କଚେରି ଖେଳପଡିଆ ପର୍ଯ୍ୟନ୍ତ ଯାଇଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଏନ୍.ସି.ସି., ଏନ୍.ଏସ୍.ଏସ୍., ୟୁଥ୍ ରେଡକ୍ରସ, ଜୟ ଭୈରବୀ କ୍ଲବ ଓ ନେହେରୁ ଯୁବ କେନ୍ଦ୍ରର ୭୫ଜଣ ଯୁବତୀ ଯୁବକ ଯୋଗଦାନ କରିଥିଲେ। ଏଥିରେ ସହକାରୀ ଜିଲାପାଳ ଅବିନାଶ କୁମାର ପାଣ୍ଡିଆ, ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତ, ଭାରତ ସରକାରଙ୍କ ଯୁବ ଓ କ୍ରୀଡା ବିଭାଗର ଡି.ଜି ନୋମିନୀ ଦେବାଶିଷ ପୁରୋହିତ, ଏନ୍.ସି.ସି. ଅଫିସର ଡ. ମହେନ୍ଦ୍ରନାଥ ଦେବତା, ୟୁଥ୍ ରେଡକ୍ରସ ଅଧିକାରୀ ପ୍ରବିର କୁମାର ଦାସ, ଏନ୍ଏସ୍ଏସ ଅଧିକାରୀ ମନୋଜ ପ୍ରମୁଖ ଉପସ୍ଥିତ ରହିଥିଲେ। ବୌଦ୍ଧ ଜିଲାର ୭୫ଗୋଟି ଗ୍ରାମରେ ଅମୃତ ମହୋତ୍ସବ ପାଳନ କରିବା ପାଇଁ କାର୍ଯ୍ୟକ୍ରମ ଚୂଡାନ୍ତ କରାଯାଇଛି।

## ଭଙ୍ଗାଘରେ ଦିନ ବିତୁଛି



ଖପ୍ରାଖୋଲ,୨୮।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଅନ୍ତର୍ଗତ ଝାଙ୍କ୍ରିପାଲି ଗାଁର ଭାଗିରଥି ବରିହା (୪୫)ଙ୍କ ପରିବାର ଭଙ୍ଗା ଘରେ ଦିନ କାଟୁଛନ୍ତି। ଘର ପାଇଁ ପଞ୍ଚାୟତ ଠୁଁ ବ୍ଲକ ଅଫିସ ଯାଏ ନିବେଦନ କରିଥିଲେ ବି କୌଣସି ସୁଫଳ ପାଇନାହାନ୍ତି। ଭାଗିରଥୀ ମୂଲମଜୁରି ଲାଗି ସ୍ତ୍ରୀ ସୂର୍ଯ୍ୟ ଓ ତିନି ପିଲାଙ୍କ ପ୍ରତିପୋଷଣ କରୁଛନ୍ତି। ଏହିସ୍ଥିତିରେ ଘର ଚଳାଇବା ତାଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ବର୍ଷା ହେଲେ ଭଙ୍ଗାଘରେ ପାଣି ଭାଶୁଛି। ଏନେଇ ବିଡିଓ ରଶ୍ମି ରଞ୍ଜନ ରାଉତଙ୍କୁ ପଚାରିବାରୁ ନିୟମ ଅନୁଯାୟୀ ଯୋଗ୍ୟ ବିବେଚିତ ହୋଇଥିଲେ ଚଳିତ ବର୍ଷ ଭାଗିରଥୀଙ୍କୁ ଆବାସ ଯୋଜନାରେ ସାମିଲ କରାଯିବ ବୋଲି କହିଛନ୍ତି।

# ମରୁଡ଼ି ପରିସ୍ଥିତି ନେଇ ଚାଷୀ ସମାବେଶ

ନୂଆପଡା ଅଫିସ,୨୮।୮



ହାତିସରାଠାରେ ଚାଷୀ ସମାବେଶ।

- ୨୦ ଗାଁରୁ ୭ ଶହରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ
- ୧ରେ ଚାଷୀ ବଞ୍ଚାଅ ପଦଯାତ୍ରା

ନୂଆପଡା ଜିଲାରେ ଭୟଙ୍କର ମରୁଡି ପରିସ୍ଥିତି ଦେଖା ଦେଲାଣି। ସରକାର କିମ୍ବା ପ୍ରଶାସନ ତରଫରୁ ମରୁଡି ଘୋଷଣା କରା ଯାଇନାହିଁ କି ମରୁଡି ଅନୁଧ୍ୟାନ କରା ଯାଉ ନ ଥିବାରୁ ଶନିବାର ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦର ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଦର୍ଲିପଡା ପଞ୍ଚାୟତ ହାତିସରା ସ୍କୁଲ ପଡିଆଠାରେ ଶତାଧିକ ଚାଷୀଙ୍କ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଅଞ୍ଚଳର ୨୦ଟି ଗାଁରୁ ୭ ଶହରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ବର୍ତ୍ତମାନ ଜିଲାରେ ଭୟଙ୍କର ମରୁଡି ପରିସ୍ଥିତି ଦେଖାଦେଇଛି। ଅଗଷ୍ଟ ଶେଷ ସପ୍ତାହ ହେଲା ଚାଷୀଙ୍କ ଚାଷ ଜମିରେ ପଲହା ରହିଯାଇଛି। ରୁଆ,ବେଉଷଣ ହୋଇପାରୁ ନାହିଁ। ନଦୀ, ନାଳ, ପୋଖରୀ,ଏମଆଇପି ସବୁ ଶୁଖିଲା ପଡିଛି । କିନ୍ତୁ ଦୁଃଖର କଥା ଓଡିଶା ସରକାର ଓ ଜିଲା ପ୍ରଶାସନର ରିପୋର୍ଟରେ ନୂଆପଡା ଜିଲା ସମ୍ଭାବ୍ୟ ମରୁଡି ତାଲିକାରେ ନାହିଁ। ଏହି ଜିଲାର ଚାଷୀମାନଙ୍କ ପାଇଁ ଦୁଃଖଦ ଘଟଣା ବୋଲି ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ସରକାର ନିଜ ତ୍ରୁଟି ସଂଶୋଧନ କରନ୍ତୁ ଓ ଜିଲାକୁ ମରୁଡି ଘୋଷଣା କରନ୍ତୁ ନ ହେଲେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ସାରା ଜିଲାରେ ରାସାୟନିକ ସାରର ଘୋର ଅଭାବ ଓ କଳାବଜାରି ଦେଖା ଦେଇଛି। ଯେଉଁଥିରେ ଚାଷୀ ଅତିଷ୍ଠ ହେଉଛନ୍ତି। ୨୦୧୭-୧୮-୧୯ ର ବକେୟା ଫସଲ ବୀମା ଅଧିକାଂଶ ଚାଷୀ ବର୍ତ୍ତମାନ ସୁଦ୍ଧା ପାଇନାହାନ୍ତି । ଲୋ-ଭୋଲଟେଜ ଓ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଉଠା ଜଳସେଚନ ଏବଂ ଗଭୀର ନଳକୂପ ଥିବା ଚାଷୀଙ୍କୁ ମରୁଡି ସମୟରେ ସହାୟକ ହୋଇପାରୁ ନାହିଁ । ଏହି ସବୁ ବିଷୟ ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ନୂଆପଡା ତରଫରୁ ଆସନ୍ତା ସେପ୍ଟେମ୍ବର ଏକ ତାରଖ ବୁଧବାର କୋମନା ବ୍ଲକ କୁରୁମପୁରି ଠାରୁ ନୂଆପଡା ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଚାଷୀ ବଞ୍ଚାଅ ପଦଯାତ୍ରା ଜିଲା ଆବାହକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଆରମ୍ଭ ହେବ ଓ ସରକାରକୁ ମରୁଡି ଘୋଷଣା କରିବା ପାଇଁ ବାଧ୍ୟ କରିବା ସହିତ ଅନ୍ୟାନ୍ୟ ସମସ୍ୟା ଏବଂ ପ୍ରସଙ୍ଗର ସମାଧାନ କରିବାକୁ ବାଧ୍ୟ କରାଯିବ ବୋଲି ନିଷ୍ପତି ନିଆଯାଇଛି । ଏହି ସଭାରେ ଶଙ୍କର ଅହୀର, ଗୌରମଣି ବିଭାର, ସୁଖନରାମ ଅହୀର, ମହେଶ ରାମ ସାହୁ, ମନିରାମ ଅହୀର, ପଦ୍ମରାମ ସାହୁ, ବୃନ୍ଦାବନ ପ୍ରଧାନ, ଦେବସିଂ ମାଝି, ଯାଦବ ଗଡତିଆ, ତନତ ପରାଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟରାସ୍ତାର କଲଭର୍ଟରୁ ବାହାରି ପଡ଼ିଛି ଲୁହା ଛଡ଼

ବେହେରା,୨୮।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ମୁଖ୍ୟଛକ ରାସ୍ତା ଆବଶ୍ୟକ ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି । ଫୋରୱେରୁ ବେହେରା ବସ୍ତି ମଧ୍ୟକୁ ଯାଇଥିବା ରାସ୍ତାର ଅଧିକାଂଶ ସ୍ଥାନରୁ ପିଚୁ ଉଠିଯାଇ ଖାଲ ସୃଷ୍ଟି ହୋଇଛି। ବର୍ଷା ହେଲେ ସେଥିରେ ପାଣି ଜମି ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି। ଠାକୁର ଗ୍ୟାରେଜ ସମ୍ମୁଖରେ ଥିବା ମୁଖ୍ୟରାସ୍ତାର କଲଭର୍ଟର ଉଚ୍ଚତା ରାସ୍ତାର ଉଚ୍ଚତାରୁ ଅଧିକ ଥିବାରୁ ପାଣି ନିର୍ଗମନ ବାଧାପ୍ରାପ୍ତ ହେଉଛି। ଡ୍ରେନର ମଇଳା ପାଣି ଆସି ଉକ୍ତ ସ୍ଥାନରେ ଜମା ହେଉଛି। ଏହି ରାସ୍ତା ଦେଇ ୧୦ରୁ ଉର୍ଦ୍ଧ୍ୱ ବସ୍ ଓ ଫୋର ୱେରେ ନିୟୋଜିତ ହାଇୱା ଚଳାଚଳ କରିଥାଏ। ବର୍ତ୍ତମାନ ଉକ୍ତ ମୁଖ୍ୟରାସ୍ତାର କଲଭର୍ଟରୁ ସବୁ ଲୁହାଛଡ ବାହାରି ପଡି ଆଁ କରିଛି । ଫଳରେ ବିପଦ ଆଶଙ୍କାକୁ ଏଡାଇ ଦେଇ ହେବନାହିଁ। ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ରାଜୁସିଂ ଠାକୁର ଉକ୍ତ ରାସ୍ତାରେ ଚାରି ଟ୍ରିପ କ୍ରସର ଗୁଣ୍ଡ ବିଛାଇବା ବ୍ୟବସ୍ଥା କରିଥିବା ସତ୍ତ୍ୱେ ଅଧିକ ଯାନବାହାନ ଚଳାଚଳ ଯୋଗୁ ରାସ୍ତା ଅବସ୍ଥା ସୁଧୁରୁ ନାହିଁ । ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅଜିତ କୁମାର ବାବୁଙ୍କୁ ପଚାରିବାରେ ମରାମତି କାର୍ଯ୍ୟ ଶୀଘ୍ର କରାଯିବ ବୋଲି କହିଛନ୍ତି।

# ଜୁନାଗଡ଼ରେ ମେଗା ରକ୍ତଦାନ ଶିବିର



ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

ଜୁନାଗଡ,୨୮।୮(ଡି.ଏନ୍.ଏ.)

**୧୦୧ୟୁନିଟ୍ ରକ୍ତ ସଂଗ୍ରହ**

କଳାହାଣ୍ଡି ଜିଲା ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଶନିବାର ଜନ୍ମ ଦିନ ଉପଲକ୍ଷେ ଜୁନାଗଡ ସଂସ୍କୃତି ଭବନଠାରେ ଏକ ମେଗା ରକ୍ତଦାନ ଶିବିରି ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ଯୁବଛାତ୍ର ପରିଷଦ ପକ୍ଷରୁ ଆୟୋଜିତ ଏହି ରକ୍ତଦାନ ଶିବିରିରେ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏଥିରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗଦେଇ ରକ୍ତଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମନ୍ତ୍ରୀଙ୍କ ସହ ପୂର୍ବତନ ଏନ୍ଏସି ଅଧକ୍ଷ ମହେଶ ସାହୁ, ପୂର୍ବତନ ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ବଲାଙ୍ଗୀର ଜୋନ ସଭାନେତ୍ରୀ କଲ୍ୟାଣୀ ନାଏକ, ଜୁନାଗଡ ନଗର ସଭାନେତ୍ରୀ ମନୋରମା ମହାଲିକ, ନଗର ସଭାପତି ବାପି ରାଉତ, ମହିଚଲା ସରପଞ୍ଚ ଅଜୟ ବେହେରା,ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ତାରା ରାୟଗୁରୁ, କୃପାସିନ୍ଧୁ ବାଗ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଭିନ୍ନ ସଂଗଠନ ପକ୍ଷରୁ କେକ୍ କାଟି ମନ୍ତ୍ରୀଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ବରିଷ୍ଠ ଆଇନଜିବୀ ରାଜେନ୍ଦ୍ର ମୁନି ସଭାପରିଚାଳନା କରିଥିଲେ।

# ଖଡ଼ିଆଳ ରାଜ ପୁରୋହିତଙ୍କ ଦ୍ୱାରା ନୂଆଁଖାଇ ଲଗ୍ନ ଧାର୍ଯ୍ୟ

ନୂଆପଡା ଅଫିସ,୨୮।୮

ଆସନ୍ତା ୧୧ ତାରିଖ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ ହେବାକୁ ଥିବାବେଳେ ଖଡିଆଳ ଅଞ୍ଚଳ ପାଇଁ ଲଗ୍ନ ଧାର୍ଯ୍ୟ କରାଯାଇଛି। ଖଡିଆଳ ରାଜଦରବା ସଭାଗୃହରେ ଯୁବରାଜ ଦେବଦେବ ସିଂଦେଓ, ରାଜ ପୁରୋହିତ ପ୍ରଫୁଲ୍ଲ କୁମାର ରଥ, ପୁରୋହିତ ସୁଦର୍ଶନ ଠାକୁର, ଘାସିରାମ ପଣ୍ଡା, ପ୍ରସନ୍ନ ପଣ୍ଡା, ସମଲେଶ୍ୱରୀ ମନ୍ଦିର ପୂଜକ ବ୍ରଜ କିଶୋର ଦଣ୍ଡସେନା, ରକ୍ତାମ୍ବରୀ ମନ୍ଦିର ପୂଜକ ଗଣେଷ ଚନ୍ଦ୍ର ପ୍ରଧାନୀ ଯୋଗଦେଇ ଲଗ୍ନ ସ୍ଥିର କରିଥିଲେ। ଆସନ୍ତା ୧୦ ତାରିଖ ମଧ୍ୟରାତିରେ ଦୁଇ ଇଷ୍ଟଦେବୀଙ୍କ ପାଖରେ ନର୍ବାନ୍ନ ଲାଗି ହେବ। ୧୧ ତାରିଖ ପୂର୍ବାହ୍ନ ୧୦.୪୦ ରୁ ୧୧.୪୫ ମିନିଟ ମଧ୍ୟରେ ତୁଳା ରାଶି ବିଛାଲଗ୍ନରେ ଅଞ୍ଚଳବାସୀ ନର୍ବାନ୍ନ ଖାଇବେ। ରାଜତନ୍ତ୍ର ସମୟରୁ ଖଡିଆଳ ରାଜଦରବାରରେ ଲଗ୍ନ ଧାର୍ଯ୍ୟ କଲା ପରେ ସମସ୍ତେ ନିୟମାନୁସାରେ ନବାନ୍ନ ଖାଇଥାନ୍ତି । ଶିବ ରମଣ ସିଂ ଦେଓ, ବିଜୟ ବାରିକ, ଯୁଗଳ କିଶୋର ଦଣ୍ଡସେନା ଉପସ୍ଥିତ ଥିଲେ ।



ଖଡିଆଳ ରାଜ ପୁରୋହିତମାନେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରୁଛନ୍ତି।

# ମହିଳା କଲେଜରେ ମୋ କଲେଜ ଅଭିଯାନ

ବରଗଡ଼ ଅଫିସ,୨୮।୮

ବରଗଡ଼ ମହିଳା କଲେଜରେ ଶୁକ୍ରବାର ମୋ କଲେଜ ଅଭିଯାନର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି । ଅଧ୍ୟକ୍ଷ ସୁନୀଲ କୁମାର ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାଧ୍ୟାପକ ସନ୍ତୋଷ କୁମାର ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୋ କଲେଜ ଅଭିଯାନରେ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ପୁରାତନ ଛାତ୍ରୀ ତଥା ପ୍ରାଧ୍ୟାପିକା ନନ୍ଦିନୀ ନିରୋଦ ପଣ୍ଡା ସଂଯୋଜିକା, ପ୍ରଭାତୀ ପତି ସଭାପତି, ପ୍ରତିଭା ମିଶ୍ରଙ୍କୁ ମୋ କଲେଜ ଅଭିଯାନରେ ସମ୍ପାଦିକା ଭାବେ ମନୋନୀତ କରାଯାଇଥିଲା। ମୋ କଲେଜ ଅଭିଯାନରେ ଦିବ୍ୟକାନ୍ତି ଭୋଇ ୫୦ହଜାର ଟଙ୍କା ଦାନ କରିଥିଲେ। ପ୍ରାଧ୍ୟାପିକା ଯାଜ୍ଞସେନୀ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଶାସନ ତରଫରୁ ମରୁଡ଼ି ସ୍ଥିତି ଅନୁଧ୍ୟାନ

ନୂଆପଡା ଅଫିସ,୨୮।୮



ଜିଲା ପ୍ରଶାସନ ତରଫରୁ ମରୁଡି ସ୍ଥିତି ଅନୁଧ୍ୟାନ କରାଯାଉଛି।

ବର୍ଷା ଅଭାବରୁ ନୂଆପଡା ଜିଲାରେ ମରୁଡି ପରିସ୍ଥିତି ସଙ୍ଗୀନ ହେବାରେ ଲାଗିଛି। ଜିଲାର ଅଧିକାଂଶ ସ୍ଥାନରେ ରୁଆ, ବେଉଷଣ ନ ହୋଇ ଧାନ ନଷ୍ଟ ହୋଇ ବସିଲାଣି ବୋଲି ବାରମ୍ବାର ଅଭିଯୋଗ ହେଲା ପରେ ଶନିବାର ଜିଲା ପ୍ରଶାସନ ତରଫରୁ ଅଧିକାରୀମାନେ କୋମନା ବ୍ଲକର ବିଭିନ୍ନ ଗାଁକୁ ଯାଇ ମରୁଡି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ନୂଆପଡା କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. କ୍ଷୀରୋଦ ବିଶ୍ୱାଳ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଆତ୍ମା ସୁଧାଂଶୁ ଶେଖର ସାହୁ, ସହକାରୀ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, କୃଷି ଅଧିକାରୀ ବେଦବ୍ୟାସ ଶବର ପ୍ରମୁଖ କୋମନା ବ୍ଲକ ଜଟଗଡ ଗାଁକୁ ଯାଇ ମରୁଡି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଧାନ ସବୁ ମରିବାରେ ବସିଲାଣି । ରୁଆ,ବେଉଷଣ କଲେ ମଧ୍ୟ ତାହା ହେବ ନାହିଁ ବୋଲି କହି ଆମେ ଲେଖି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବର୍ତ୍ତମାନ ଜିଲାର କୋମନା ବ୍ଲକ କୁରୁମପୁରି, ସମରସିଂ, ସିଲଭା, ଲଖନା, ମୁଣ୍ଡାପଲା, ଠିକପାଲି, ଗଣ୍ଡାମେର, କାଣ୍ଡେତରା, ନୂଆଗାଁ, ବୃଦ୍ଧିକୋମନା, ମାନିଗୁଡା, ତରବୋଡ, ଜଟଗଡ, ଦର୍ଲିପଡା ସିଆଲଲଟି,ପଲସିପାଣି ଆଦି ପଞ୍ଚାୟତରେ ରୁଆ, ବେଉଷଣ ନ ହୋଇ ଧାନ ସବୁ ନଷ୍ଟ ହେବାରୁ ଅଧିକାଂଶ ଗାଁରେ ଗାଈ ଚରାଇବା ସହିତ ଚାଷ ଜମିକୁ ଛାଡି ଦେଇ ଚାଷୀ ଚିନ୍ତାରେ ବସିଛନ୍ତି। ମରୁଡି ଅନୁଧ୍ୟାନ କରି ଯାଇଥିବା ଦଳକୁ ଶୀଘ୍ର ମରୁଡି ଘୋଷଣା କରିବା ପାଇଁ ପଦ୍ମନ ପ୍ରଧାନ, ଲବଙ୍ଗ ମାଝି, ଅନିରୁଧ ନାଗ, ହେମନ୍ତ ପ୍ରଧାନ, ପିତାମ୍ବର ଗଡତିଆ, ମୋଟା ମାଝି, ବିଘ୍ନ ଆଡବଙ୍ଗ, ଲକ୍ଷ୍ମଣ ରଣା, ଘନଶ୍ୟାମ ପ୍ରଧାନ, ଲଳିତ ପୁଞ୍ଜି, ରବିନ୍ଦ୍ର ମାଝି, ମୁରଲି ହଂସ ପ୍ରମୁଖ ଦାବି କରିଛନ୍ତି।

# ଭୀମ ଭୋଇଙ୍କ ବାର୍ତ୍ତା ମହାବିଦ୍ୟାଳୟ କାନ୍ଥରେ ସ୍ଥାନିତ ହେବ

ବୌଦ୍ଧ,୨୮।୮(ସ୍ୱ.ପ୍ର.)

**ବୌଦ୍ଧ ଜିଲା ଯୁବ ରେଡକ୍ରସ କାର୍ଯ୍ୟକାରିଣୀ ବୈଠକ**

ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପରିସରରେ ବୌଦ୍ଧ ଜିଲା ଯୁବ ରେଡକ୍ରସର ବାର୍ଷିକ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସର ଜିଲା ସମ୍ପାଦକ ଅଧାପକ ପ୍ରବୀର କୁମାର ଦାସ ଗତବର୍ଷର ରେଡକ୍ରସ କାର୍ଯ୍ୟକ୍ରମ ଉପରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା ବୈଠକରେ ଅଧକ୍ଷତା କରି କରୋନା ତୃତୀୟ ଲହର ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ମହାବିଦ୍ୟାଳୟରେ ଯୁବ ରେଡକ୍ରସର କାର୍ଯ୍ୟକ୍ରମକୁ ଆହୁରି ଅଧିକ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବରେ ରାଜ୍ୟ ଯୁବ ରେଡକ୍ରସ ଅଧିକାରୀ ଡା. ଅକ୍ଷୟ କୁମାର ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଯୁବ ରେଡକ୍ରସ ମାଧ୍ୟମରେ ମାନବିକତାର ଭାବ ଜାଗ୍ରତ କରିବା ପାଇଁ ପରାମର୍ଶ ଦେବା ସହିତ ଜିଲାର ରେଡକ୍ରସ ସେବା କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବରେ ଜୁନିୟର ରେଡକ୍ରସର ରାଜ୍ୟ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଯୋଗଦେଇ ଜୁନିୟର ରେଡକ୍ରସ, ଯୁବ ରେଡକ୍ରସ ଓ ରେଡକ୍ରସ ପକ୍ଷରୁ ମିଳିତ ଭାବରେ ସମସ୍ତ ପ୍ରକାର ସେବା କାର୍ଯ୍ୟ ସହଜରେ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ମୁଖ୍ୟ ଚିକିତ୍ସାଳୟର ସହକାରୀ ମୁଖ୍ୟ ଚିକିତ୍ସାଧିକାରୀ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ରେଡକ୍ରସର ସ୍ୱେଚ୍ଛାସେବୀମାନେ ଜଣେ ସ୍ୱାସ୍ଥ୍ୟ ରକ୍ଷକ ଭଳି କାର୍ଯ୍ୟ କରିପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବରେ ଆଞ୍ଚଳିକ ପରିବହନ ବିଭାଗର ଏମଭିଆଇ ପ୍ରମୋଦ କୁମାର ସିଂହ, ଅଗ୍ନିଶମ ବିଭାଗ ଅଧିକାରୀ ସୁଶୀଳ କୁମାର ମଲ୍ଲିକ, ନେହେରୁ ଯୁବକେନ୍ଦ୍ର ଜିଲା ସଂଯୋଜକ ଭି.ଏ. ବୋକେନ,ଚାଇଲଡ ଲାଇନର ସଂଯୋଜିକା ବବିନା ନାୟକ, ଜିଲା ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ସଂଯୋଜକ ଆଲୋକ କୁମାର ମିଶ୍ର, ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ସଂଘର ସଂପାଦକ ଦେବାଶିଷ ପୁରୋହିତ ପ୍ରମୁଖ ଯୋଗ ଦେଇ ସେମାନଙ୍କ କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରାଇବା ସହିତ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଜିଲା ରେଡକ୍ରସର ସଂପାଦକ ତଥା ଜିଲା ଜରୁରୀକାଳୀନ ଅଧିକାରୀ ଅବିନାଶ ପାଣ୍ଡିଆ ଯୋଗଦାନ କରି ଜିଲାରେ ଥିବା ଦୁଃଖୀ, ପୀଡିତ,ଅସହାୟମାନଙ୍କ ସୂଚନା ସଂଗ୍ରହ ସହିତ ସେମାନଙ୍କୁ ସହାୟତା ଯୋଗାଇ ଦେବାକୁ ଆହ୍ୱାନ ଜଣାଇଥିଲେ। ଜିଲାର ସମସ୍ତ ମହାବିଦ୍ୟାଳୟରେ ସନ୍ଥକବି ଭୀମଭୋଇଙ୍କ ମହାନ ବାର୍ତ୍ତା ପ୍ରାଣୀଙ୍କ ଆରତ ..... କୁ କାନ୍ଥରେ ଲେଖାଯାଇ ସେଥିରେ ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରାଣିତ କରିବାକୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଦେଇଥିବା ବାର୍ତ୍ତା ସଂପର୍କରେ ପାଣ୍ଡିଆ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ୧୭ଟି ମହାବିଦ୍ୟାଳୟର ୨୫ ଜଣ ଅଧକ୍ଷ ଓ ଯୁବ ରେଡକ୍ରସର ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ଜିଲାର ତିନୋଟି ବ୍ଲକରେ ପ୍ରଶିକ୍ଷଣ ଶିବିର କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା। ଯୁବ ରେଡକ୍ରସର ମହିଳା ପରାମର୍ଶଦାତା ବାସନ୍ତୀ ପ୍ରଧାନ , ଡ. ମହେନ୍ଦ୍ର ନାଥ ଦେବତା ଓ ଦିଲୀପ କୁମାର ଖୁଣ୍ଟିଆ ସହଯୋଗ କରିଥିଲେ। ଶେଷରେ ସୁରେଶ କୁମାର ଯୋଷୀ ଧନ୍ୟବାଦ ଦେଇଥିଲେ।

## ପାନୀୟଜଳ ପ୍ରକଳ୍ପର ଶୁଭାରମ୍ଭ

ବରଗଡ଼ ଅଫିସ୍: ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତବାସୀଙ୍କୁ ପାନୀୟଜଳ ଯୋଗାଣ ପାଇଁ ଶୁକ୍ରବାର ଅମୃତଧାରା ବୃହତ୍ ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ନାଏକ ଶୁକ୍ରବାର ଏହାର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପ୍ରତିଭା ନାଏକ, ସମିତିସଭ୍ୟା ଅଞ୍ଜଳି ବିଶି, ଏସ୍‌ଏଚ୍‌ଜି ସଭାନେତ୍ରୀ ଝରଣା ଦାଶ, ନିତ୍ୟାନନ୍ଦ ନାଏକ, ଅଶୋକ ସାହୁ, ଗୁରୁଦେବ ସାହୁ, ରୋହିତ ଭୋଇ, ଆନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରକଳ୍ପରେ ବରପାଲି ବ୍ଲକର ୭ଟି ପଞ୍ଚାୟତ ମଧ୍ୟ ସାମିଲ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉଦ୍ୟମରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ଅଞ୍ଚଳବାସୀ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ସଂକ୍ଷେପରେ**

## ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଜୁନାଗଡ,୨୮।୮(ଡି.ଏନ୍.ଏ): କଳାହାଣ୍ଡି ଜିଲା ଜୁନାଗଡ ସହର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଶନିବାର ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ଖେଳଦିବସ ଉପଲକ୍ଷେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନର ସଭାପତି ପ୍ରଦୀପ ଦାସ, ଜୁନାଗଡ ସଭାପତି ସମୀର ସାହୁ, କାର୍ଯ୍ୟକାରୀ ସଭାପତି ସରୋଜ ପଣ୍ଡା, ସମ୍ପାଦକ ନରେଶ ସୁନାନୀ, ଉପସଭାପତି ଉମେଶ ଜୈନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଜନୀକାନ୍ତ ଦାଶ, ଯୁଗ୍ମ ସମ୍ପାଦକ ରାକେଶ ବେମାଲ, ବିଶିଷ୍ଟ ବ୍ୟବସାୟୀ ଲଳିତ ଅଗ୍ରୱାଲ, ଅଶୋକ ପଟ୍ଟନାୟକ,ଜୁନାଗଡ ପୂର୍ବତନ ଏନଏସି ଅଧକ୍ଷ ମହେଶ ସାହୁ, ଅବିନାଶ ଠାକୁର, ପୂର୍ବତନ ପୌରାଧକ୍ଷ ଆଦିତ୍ୟ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଓଡିଆ ଅଧାପକ ବିଶ୍ୱରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ୨ଦିନ ଧରି ଅନୁଷ୍ଠିତ ହେବ ଏବଂ ଏଥିରେ ୫ଟି ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି।

## ସର୍ଟ ଫିଲ୍ମ 'ଇସ୍କୁଲ୍ ଡାକୁଛେ ଆ'ର ସୁଟିଂ

**କଳାହାଣ୍ଡି ଶିକ୍ଷା ବିଭାଗର ନିଆରା ପ୍ରୟାସ**

ଭବାନୀପାଟଣା,୨୮।୮ (ଡି.ଏନ.ଏ.): ସଂପ୍ରତି କରୋନା ମହାମାରୀ ଯୋଗୁ ଅନେକ ଛାତ୍ରୀଛାତ୍ର ପାଠପଢ଼ା ଛାଡ଼ି ଅନ୍ୟ କାର୍ଯ୍ୟରେ ନିୟୋଜିତ ହେଉଥିବା ଦେଖିବାକୁ ମିଳୁଛି। ଏଥିପାଇଁ ଡ୍ରପ୍ ଆଉଟ୍ ହାର ପୂର୍ବାପେକ୍ଷା ବଢ଼ିବାରେ ଲାଗିଛି। ସେହି ପିଲାମାନଙ୍କୁ କେମିତି ପୁନଃ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିହେବ, ଏହାକୁ ଦୃଷ୍ଟିରେ ରଖି ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି କଳାହାଣ୍ଡି ଶିକ୍ଷା ବିଭାଗ। ଅଭିଭାବକ ଓ ପିଲାଙ୍କୁ ସଚେତନ କରିବା ପାଇଁ ଏକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରାଯାଉଛି। ସ୍ଥାନୀୟ ଅଟାଙ୍ଗଗୁଡ଼ା ହାଇସ୍କୁଲ ପରିସରରେ ଫିଲ୍ମ 'ଇସ୍କୁଲ୍ ଡାକୁଛେ ଆ'ର ମହୁରତ୍ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ପୁରୋହିତ, ପ୍ରଧାନଶିକ୍ଷକ ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଫିଲ୍ମରେ ଜଣେ ଶିକ୍ଷକ କିଭଳି ଡ୍ରପ୍ ଆଉଟ୍ ପିଲାଙ୍କୁ ସ୍କୁଲ୍‌କୁ ଫେରାଇ ଆଣୁଛନ୍ତି, ତାହା ଦର୍ଶାଯାଇଛି। ସମଗ୍ର ଜିଲାର ଶିକ୍ଷକମାନଙ୍କ ମାଧମରେ ଏହି ଫିଲ୍ମ ଜନସାଧାରଣଙ୍କୁ ଡିଜିଟାଲ୍ ମାଧମରେ ପ୍ରଦର୍ଶିତ କରାଯିବ, ଯାହା ଡ୍ରପ୍‌ଆଉଟ୍ ହ୍ରାସରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଏକାଠି ହେଉଛନ୍ତି ଦଳିତ ସଙ୍ଗଠନ

**ଦଳିତ ମହିଳାଙ୍କୁ ଗଣବଳାତ୍କାର, ଘରପୋଡ଼ି ମାମଲା**

ବରଗଡ଼ ଅଫିସ୍,୨୮।୮

ବରଗଡ଼ ଜିଲା ଗାଇସିଲେଟ ଥାନା ଅଞ୍ଚଳରେ ଜଣୈକା ଦଳିତ (ଅନୁସୂଚୀତ ଜାତି) ବର୍ଗର ମହିଳାଙ୍କୁ ଗଣବଳାତ୍କାର ସାଙ୍ଗକୁ ତାଙ୍କ ଘରପୋଡ଼ି ମାମଲା ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏଥିରେ ୧୨ଜଣ ଅଭିଯୁକ୍ତ ଥିବାବେଳେ ପୋଲିସ କେବଳ ୪ଜଣଙ୍କୁ ଗିରଫ କରିଛି। ଘଟଣାକୁ ୧୭ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରି ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୋଲିସର ଏଭଳି ଅପାରଗତା ପ୍ରତିବାଦରେ ଏକ ବଡ଼ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ରାଜ୍ୟର ଦଳିତ ସଙ୍ଗଠନ ଗୁଡ଼ିକ ଏକାଠି ହେଉଛନ୍ତି। ଏହି କ୍ରମରେ ରବିବାର ସମ୍ବିଧାନ ସୁରକ୍ଷା ଅଭିଯାନ (ଏସ୍‌ଏସ୍‌ଏ) ଆହ୍ୱାନରେ ଦଳିତ ସଙ୍ଗଠନ ଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ବରଗଡ଼ ସହର ଉପକଣ୍ଠ ତୋରାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସୁଥିବା ସୂଚନା ମିଳିଛି। ସେହି ବୈଠକରେ ଉକ୍ତ ଗଣବଳାତ୍କାର ମାମଲା, ଗୌରେନମୁଣ୍ଡାରେ ଦଳିତ ପରିବାରକୁ ସାମାଜିକ ବାସନ୍ଦ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବା ସହିତ ଦଳିତ ସଙ୍ଗଠନ ପକ୍ଷରୁ ପରବର୍ତ୍ତୀ ପଦକ୍ଷେପ ନିର୍ଦ୍ଧାରଣ କରାଯିବ ବୋଲି ଖବର ମିଳିଛି। ସେହିପରି ଗଣବଳାତ୍କାର ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଭୀମ୍ ଆର୍ମି ଆସନ୍ତା ସେପ୍ଟେମ୍ବର ୧ରେ ବରଗଡ଼ ଏସ୍‌ପି ଅଫିସରୁ ଜିଲାପାଳଙ୍କ ଅଫିସକୁ ବିଶାଳ ପଦଯାତ୍ରା ପାଇଁ ଡାକରା ଦେଇଛି।

ପ୍ରକାଶଥାଉକି, ଗତ ୧୧ତାରିଖ ସନ୍ଧ୍ୟାରେ ଗାଇସିଲେଟ ଥାନା ଅଞ୍ଚଳରେ ଘରକୁ ପଶି ଜଣେ ଦଳିତ ମହିଳାଙ୍କୁ ମାଡ଼ପିଟ୍ କରିବା ସହିତ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଗାଇସିଲେଟ୍ ଥାନା ପୋଲିସ ଅଭିଯୋଗକାରିଣୀଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା (ନଂ.୧୪୭/୨୧) ରୁଜୁ କରିଛି। ଏହି ମାମଲାରେ ୧୨ଅଭିଯୁକ୍ତ ରହିଥିବାବେଳେ ପୋଲିସ ଏପର୍ଯ୍ୟନ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ଫେରାର୍ ଅଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦଳିତ ସଙ୍ଗଠନ ଗୁଡ଼ିକ ପକ୍ଷରୁ ଦାବି ହୋଇ ଆସୁଛି। କିନ୍ତୁ ସମସ୍ତ ଅଭିଯୁକ୍ତ ଏଯାଏ ଗିରଫ ହୋଇ ନ ଥିବା ଯୋଗୁ ଦଳିତ ସଙ୍ଗଠନ ଗୁଡ଼ିକ ଆନ୍ଦୋଳନ ପାଇଁ ଏକାଠି ହେଉଛନ୍ତି। ଏଥିରେ ସମ୍ବିଧାନ ସୁରକ୍ଷା ଅଭିଯାନ, ସମ୍ବିଧାନ ସୁରକ୍ଷା ମଞ୍ଚ, ଭୀମ୍ ଆର୍ମି, ଭୀମ ସେନା, ଦଳିତ ମହାସଂଘ, ଲକ୍ଷେଘର ଗଣ୍ଡା ସମାଜ ଆଦି ସଙ୍ଗଠନ ସାମିଲ ହେବେ ବୋଲି ସୂଚନା ମିଳିଛି।

## ସଂସ୍କାର ସ୍କୁଲରେ ଚିତ୍ରକଳା ପ୍ରଦର୍ଶନୀ



ସ୍କୁଲ କର୍ତ୍ତୃପକ୍ଷ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

ବରଗଡ଼ ଅଫିସ୍,୨୮।୮

ବରଗଡ଼ ସହର ଉପକଣ୍ଠ ଡାଙ୍ଗସ୍ଥିତ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଶୁକ୍ରବାର ସଙ୍ଗୀତ ଗାନ, ଚିତ୍ରକଳା ପ୍ରଦର୍ଶନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଚେୟାରମ୍ୟାନ ସୁମନ ସାୱାଡ଼ିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଅଧ୍ୟକ୍ଷ କରନ ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଚେୟାରମ୍ୟାନ ସାୱାଡ଼ିଆ ସମାରୋହକୁ ଉଦ୍‌ଘାଟନ କରି ସଙ୍ଗୀତ, ଚିତ୍ରକଳା, ବାଦ୍ୟ ଆଦି କଳାରେ ପିଲାମାନେ ମନୋନିବେଶ କରି ସେମାନଙ୍କ ଉଜ୍ୱଳ ଭବିଷ୍ୟତ ଗଢ଼ନ୍ତୁ ବୋଲି କହିଥିଲେ। ଗ୍ରୀଷ୍ମକାଳୀନ ଅବକାଶ ସମୟରେ ପିଲାମାନଙ୍କ ଅନ୍ତର୍ନିହିତ ବିକାଶ ଦିଗରେ ଅନ୍‌ଲାଇନ ମାଧ୍ୟମରେ ଚିତ୍ରକଳା, ନୃତ୍ୟ, ବାଦ୍ୟ, ଆଦି ଶିକ୍ଷା ପ୍ରଦାନ କରାଯାଉଥିଲା ଏବଂ ଏଥିରେ ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି ବୋଲି ସେ ସୂଚନା ଦେଇଥିଲେ।

ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ର ନିଜେ ତିଆରି କରିଥିବା ଚିତ୍ର ଏବଂ ବିଭିନ୍ନ ଜିନିଷର ମଡ଼େଲ ପ୍ରଦର୍ଶନ କରାଯାଇଥିଲା। ସ୍କୁଲ କର୍ତ୍ତୃପକ୍ଷ ପ୍ରଦର୍ଶନୀ ବୁଲି ଦେଖିଥିଲେ। କୋଭିଡ୍ କଟକଣା ଅନୁସାରେ ଛାତ୍ରୀଛାତ୍ର ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। କୋଭିଡ୍ ମହାମାରୀ ସମୟରେ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲ ପକ୍ଷରୁ ପିଲାମାନଙ୍କୁ ଅନ୍‌ଲାଇନରେ ଚିତ୍ରକଳା, ନୃତ୍ୟ, ବାଦ୍ୟ, ସଙ୍ଗୀତ ଭଳି ଶିକ୍ଷା ପ୍ରଦାନ କରାଯାଉଥିବାରୁ ଅଭିଭାବକମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ।

# ପ୍ରକୃତି କବି ଗଙ୍ଗାଧରଙ୍କ ଉପରେ ଆଲୋଚନା



ଗଙ୍ଗାଧର ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅଧ୍ୟାପିକା, ଅଧ୍ୟାପକବୃନ୍ଦ।

ବରଗଡ଼ ଅଫିସ୍,୨୮।୮

ବରଗଡ଼ ଜିଲା ଭଟଲି ବ୍ଲକର କମଗାଁ କଲେଜରେ ଗଙ୍ଗାଧର ମେହେର ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ଶ୍ୟାମ ସୁନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅରବିନ୍ଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କବି ଗଙ୍ଗାଧର ଏ ମାଟିର ଗର୍ବ, ଗୌରବ ବୋଲି ସେ କହିଥିଲେ। ଅଧ୍ୟାପିକା ପାର୍ବତୀ ଭୋଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରକୃତି ଓ କବି ଗଙ୍ଗାଧରଙ୍କ ଉପରେ ଗଭୀର ଆଲୋକପାତ କରିଥିଲେ। ଅଧ୍ୟାପିକା ଅନୁପମା ପଣ୍ଡା, ଟୁନୀ ବେହେରା ପ୍ରମୁଖ ଗଙ୍ଗାଧର ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ଅଲିମା ସେଠ ପ୍ରଥମ, ଛାତ୍ର ବୁଧେଶ୍ୱର ତ୍ରିପାଠୀ ଦ୍ୱିତୀୟ ଏବଂ ଦୀପକ ସାହୁ ତୃତୀୟ ହୋଇଥିଲେ। ଅଧ୍ୟାପକ ଅମୀୟ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ପାଲଟିଛି ମରଣଯନ୍ତା

ବରଗଡ଼ ଅଫିସ୍,୨୮।୮

ବରଗଡ଼ ଜିଲା ଖରମୁଣ୍ଡା-କମଗାଁ କେନାଲ ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ସ୍ଥାନୀୟ ଲୋକେ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ରାସ୍ତାର ଉନ୍ନତୀକରଣ ଦିଗରେ କିଛି ପଦକ୍ଷେପ ନିଆଯାଉନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା ଉପରେ ବରଗଡ଼, ଭଟଲି ଏବଂ ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ଉକ୍ତ ରାସ୍ତାଟି ଖରମୁଣ୍ଡା, କମଗାଁ ଏବଂ କଟାପାଲି ଦେଇ ଜିଲା ସଦର ମହକୁମାକୁ ସଂଯୋଗ କରିଛି। ଫଳରେ ଚାଷୀ, ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀମାନେ ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ମାତ୍ର ରାସ୍ତାର ଦୁରବସ୍ଥା ଅଞ୍ଚଳର ଜନ ପ୍ରତିନିଧି ଏବଂ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିରେ ପଡ଼ୁଥିଲେ ସୁଦ୍ଧା ମରାମତି ଦିଗରେ ସେମାନେ ପଦକ୍ଷେପ ନେଉନାହାନ୍ତି। ଏହାର ପ୍ରତିବାଦରେ ଆନ୍ଦୋଳନ ମୁଣ୍ଡ ଟେକିଛି। ଉକ୍ତ ରାସ୍ତାର ଉନ୍ନତୀକରଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜାତୀୟ ରାଜପଥରେ ଗର୍ତ୍ତ: ବଢ଼ୁଛି ଦୁର୍ଘଟଣା

ନୂଆପଡା ଅଫିସ,୨୮।୮

ଛତିଶଗଡ ରାୟପୁରଠାରୁ ଗୋପାଳପୁରକୁ ସଂଯୋଗ କରୁଥିବା ୩୫୩ ନମ୍ବର ଜାତୀୟ ରାଜପଥ ସାଜିଛି ମରଣଯନ୍ତା। ନୂଆପଡା ଜିଲା କୋମନା ବ୍ଲକ ମାନିଗୁଡା ଓ ତରବୋଡ ମଧ୍ୟ ଭାଗରେ ସମ୍ଭବ ପ୍ରଜେକ୍ଟ ନିକଟରେ ୩୫୩ ନମ୍ବର ଜାତୀୟ ରାଜପଥରେ ଏକ ଗର୍ତ୍ତ (ଖାଲ) ସୃଷ୍ଟି ହୋଇଥିବାରୁ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଗର୍ତ୍ତଟି ଗୋଟିଏ ଫୁଟ ଗଭୀର ଥିବାବେଳେ ୨ ଫୁଟ ଓସାର ରହିଛି। ସେହି ଗର୍ତ୍ତ ଭିତରେ ଯେଉଁ ବାଇକ୍ ଚକ ପଡିଗଲେ ତାହା ବାହାରି ପାରୁ ନାହିଁ । ଫଳରେ ବାଇକ୍ ଆରୋହୀମାନଙ୍କ ଗୋଡ,ହାତ ଭାଙ୍ଗିବା ସହିତ ମୁଣ୍ଡରେ ଆଘାତ ହୋଇ ଶରୀର କ୍ଷତବିକ୍ଷତ ହୋଇଯାଉଥିବା ଅଭିଯୋଗ ହେଉଛି। ଗୁରୁବାର କୁରୁମପୁରି ଛେଳି ବଜାରରୁ ଛେଳି ବୋଝେଇ ଯାଉଥିବାବେଳେ ସେହି ଗର୍ତ୍ତରେ ଛେଳି ବୋଝେଇ ପିକ୍‌ଅପ୍ ପଡି ଓଲଟି ପଡିବାରୁ ବଲାଙ୍ଗିର ଜିଲା ବଙ୍ଗୋମୁଣ୍ଡା ଅଞ୍ଚଳର ଜଣେ ଛେଳି ବ୍ୟବସାୟୀଙ୍କ ବାମହାତ ଛିଣ୍ଡି ଅଲଗା ହୋଇଯାଇଥିଲା। ପିକ୍‌ଅପ୍ ଭ୍ୟାନରେ ବସିଥିବା ୩ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ । ଅନେକ ଛେଳି ମଧ୍ୟ ମରି ଯାଇଥିଲା। ଗତ ୨ ଦିନ ତଳେ ନବୀନ ଶଗରୀଆ ବୋଲି ଜଣେ ଯୁବକ ସେହି ଗର୍ତ୍ତରେ ପଡି ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାଇକ୍ ୨ ଚକ ଭାଙ୍ଗି ଯାଇଛି । ସେହି ଗର୍ତ୍ତରେ ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟିଯାଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଶିଘ୍ର ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।



୩୫୩ ନମ୍ବର ଜାତୀୟ ରାଜପଥରେ ଗର୍ତ୍ତ।

## ପ୍ରଧାନ ଶିକ୍ଷକ କର୍ମଶାଳା

ବରଗଡ଼ ଅଫିସ୍,୨୮।୮

ବରଗଡ଼ ଦଧିବାମନ ହାଇସ୍କୁଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାକୁ ମୁଖ୍ୟଅତିଥି ବିଇଓ ସରୋଜ ଭୋଇ ଉଦ୍‌ଘାଟନ କରିଥିଲେ। ତହସିଲଦାର ପ୍ରଶାନ୍ତ ମହାପାତ୍ର, ପ୍ରଧାନଶିକ୍ଷକ ସୁଶୀଲ ସାହୁ ସମ୍ମାନିତ ଅତିଥି ଥିଲେ। ରବିବାର ହେବାକୁ ଥିବା ଆର୍‌ଆଇ ପରୀକ୍ଷା ସୁପରିଚାଳନା ପାଇଁ ତହସିଲଦାର ମହାପାତ୍ର ପ୍ରଧାନଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ସାହୁ ମୂଲ୍ୟାଙ୍କନ ପାଇଁ ପ୍ରଶିକ୍ଷଣ ଦେବା ସହିତ ନବମ, ଦଶମ ଶ୍ରେଣୀ ପାଠ୍ୟଦାନ ଉପରେ ବିଭିନ୍ନ ପରାମର୍ଶ ଦେଇଥିଲେ। ସୂର୍ଯ୍ୟକାନ୍ତୀ ସାହୁ, ଅଗସ୍ତି ପ୍ରଧାନ, କଳ୍ପନା ବଡ଼ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଆପ୍ ଅଫିସ୍ ଉଦ୍‌ଘାଟିତ



ଉଦଘାଟନୀ ସମାରୋହରେ ଦଳୀୟ କର୍ମକର୍ତ୍ତାବୃନ୍ଦ।

ବରଗଡ଼ ଅଫିସ୍,୨୮।୮

ବରଗଡ଼ ସହରରେ ଶନିବାର ଆମ ଆଦମୀ ପାର୍ଟି(ଆପ୍)ର ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ସମାରୋହରେ ଆପ୍‌ର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ଯୁବନେତା ପୌଲସ୍ତ୍ୟ ଶାହା, ମେରିୟମ ବାର୍ଲା, ଖୁସନୁମା ବେଗମ, ଗୌରୀଶଙ୍କର ଆଚାର୍ଯ୍ୟ, ଅସିତ ସାହୁ, ରମେଶ ପତି, ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଦଳର ଜିଲା ଆବାହକ ସାହୁ କହିଥିଲେ, ଦିଲ୍ଲୀରେ ଯେଭଳି ସମସ୍ତଙ୍କୁ ୨୪ଘଣ୍ଟିଆ ବିଦ୍ୟୁତ ସେବା ଏବଂ ୨୦୦ ୟୁନିଟ୍ ବିଦ୍ୟୁତ ମାଗଣା ମିଳୁଛି, ଓଡ଼ିଶାରେ ମଧ୍ୟ ତାହା ସମ୍ଭବ ହୋଇପାରିବ। ଦିଲ୍ଲୀ ଭଳି ଓଡ଼ିଶାରେ ବାର୍ଦ୍ଧକ୍ୟ ଭତ୍ତା ମାସିକ ୨୫୦୦ ଟଙ୍କା ପ୍ରଦାନ କରାଯାଇପାରିବ। ମାତ୍ର ଏଠାରେ ରାଜ୍ୟ ସରକାରଙ୍କ ଆନ୍ତରିକତା, ଇଚ୍ଛାଶକ୍ତି ଅଭାବରୁ ତାହା ହୋଇପାରୁନାହିଁ ବୋଲି ସେ କହିଥିଲେ। ବୈଠକରେ ବରଗଡ଼ ସହରର ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା ଏବଂ ଏଭଳି ସେବା ସହରବାସୀଙ୍କୁ ଠିକ୍ ଭାବେ ମିଳି ପାରୁ ନ ଥିବା ଆପ୍ କର୍ମକର୍ତ୍ତା କହିଥିଲେ।

# କଳା ପରିବେଷଣ ଅନୁମତି ଦାବି

**ଧନୁଯାତ୍ରା କଳାକାର ମହାସଂଘ ବୈଠକ**

ବରଗଡ଼ ଅଫିସ୍,୨୮।୮

ବରଗଡ଼ ଲୋକକଳା ଭବନରେ ଶୁକ୍ରବାର ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ଦୟାନିଧି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁକ୍ତ ରଙ୍ଗମଞ୍ଚରେ କଳା ପରିବେଷଣ ପାଇଁ ଅନୁମତି ପ୍ରଦାନ ପାଇଁ ଜିଲାପାଳଙ୍କୁ ଫେରାଦ ହେବାକୁ ନିଷ୍ପତ୍ତି ହୋଇଥିଲା। ଏହା ସହିତ କଳାକାର ସହାୟତା ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ସାମିଲ, ପଶ୍ଚିମ ଓଡ଼ିଶା ଧନୁଯାତ୍ରା କଳାକାର ସଂଘ ପାଇଁ ଆବଶ୍ୟକ ଜମି ପ୍ରଦାନ, ସଂଘର ଅନ୍ୟାନ୍ୟ ଦାବି ବିଷୟରେ ଆଲୋଚନା ହୋଇଥିଲା ଏବଂ ଏ ନେଇ ମଧ୍ୟ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ମହାସଂଘ ସମ୍ପାଦକ ଜଗଦାନନ୍ଦ ମିଶ୍ର, ରବିନ୍ଦ୍ର ସାହୁ, ସୁଶୀଲ କୁମାର ମେହେର, ଗୋଲାପ ଚନ୍ଦ୍ର ଦାଶ, ଗୋପାଳ ଦାଶ, ଝସକେତନ ପ୍ରଧାନ, ବରୁଣ ସାହୁ, ଆଦିତ୍ୟ ପ୍ରଧାନ, ପ୍ରସନ୍ନ ନାଥ, କାଳିଆ ଗଡ଼ତିଆ, ବିରେନ ଭୋସାଗର, ଭାଗ୍ୟଧର ବେହେରା, ଜଗନ୍ନାଥ ସାହୁ ପ୍ରମୁଖ କଳାକାର ବୈଠକରେ ଉପସ୍ଥିତ ଥିଲେ ।



ଧନୁଯାତ୍ରା କଳାକାର ମହାସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତାବୃନ୍ଦ।

# ଜଳସେଚନକୁ ନେଇ ମିଥ୍ୟା ପ୍ରତିଶ୍ରୁତି ଯୋଗୁଁ ମରୁଡ଼ି

ବଲାଙ୍ଗୀର ଅଫିସ,୨୮।୮

ଦୂରଦୃଷ୍ଟିର ଅଭାବ, ଜଳସେଚନକୁ ନେଇ ମିଥ୍ୟା ପ୍ରତିଶ୍ରୁତି, କୃଷି ଓ ପାଣିପାଗ ବିଭାଗ ଆଗୁଆ ସୂଚନା ସତ୍ତ୍ୱେ ସରକାର ମରୁଡି ମୁକାବିଲାକୁ ନେଇ ତତ୍ପରତା ଓ ଚାଷୀଙ୍କୁ ସଚେତନ ନ କରାଇବା ଯୋଗୁଁ ରାଜ୍ୟରେ ବାରମ୍ବାର ମରୁଡି ଦେଖାଦେଇଛି। ଏ ପରିସ୍ଥିତିରେ ବଲାଙ୍ଗୀର ଜିଲାର ସମସ୍ତ ୧୪ଟି ବ୍ଲକର ଚାଷୀ ଆସନ୍ନ ମରୁଡି ଯୋଗୁଁ ଚାଷୀକୂଳ ହତାଶ ହୋଇଗଲେଣି। ଏହି ଭୟାବହ ମରୁଡିରୁ ଚାଷୀଙ୍କୁ ଉଦ୍ଧାର କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଅନ୍ତୁ ବୋଲି ଶନିବାର ପ୍ରଦେଶ କଂଗ୍ରେସ କୃଷକ ସେଲର ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ବଲାଙ୍ଗୀରଠାରେ ଏକ ଖବରଦାତା ସମ୍ମିଳନୀ ମାଧମରେ ସରକାରଙ୍କୁ ଆହ୍ୱନ କରିଛନ୍ତି।

ମରୁଡି ପରିସ୍ଥିତିର ଅନୁଧ୍ୟାନ କରିବାକୁ ଆସି ଶନିବାର ଜିଲାର ବଲାଙ୍ଗୀର ସଦର, ଲୋଇସିଂହା, ଖପ୍ରାଖୋଲ, ପାଟଣାଗଡ, ବେଲପଡା ବ୍ଲକର ବିଭିନ୍ନ ଗାଁକୁ ଯାଇଥିଲେ। ପ୍ରଭାବିତ ଚାଷୀଙ୍କ ସହ ଆଲୋଚନା ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ତାଙ୍କ ସହ କଂଗ୍ରେସ ଜିଲା ସଭାପତି ଦିଲୀପ ବେହେରା, ଜିଲା କିଶାନ ସେଲ ସଭାପତି ସାନନ୍ଦ ମିଶ୍ର,



ଉଜୁଡା ଖତ ବୁଲି ଦେଖୁଛନ୍ତି ପ୍ରଦେଶ କଂଗ୍ରେସ କୃଷକ ସେଲ ଅଧକ୍ଷ ଓ ଅନ୍ୟମାନେ।

**ମରୁଡି ପରିସ୍ଥିତି ଅନୁଧ୍ୟାନ ପରେ ପ୍ରଦେଶ କଂଗ୍ରେସ କୃଷକ ସେଲ୍‌ର ଅଭିଯୋଗ**

ଇଂ. ରମେଶ ପୁରୋହିତ, ଅନୀଲ ମେହେର, ଋଷି ନାଗ, ସାନ୍ତନୁ ସିଂହ, ଲଳିତ ପୁଟେଲ, ସରୋଜ ରଥ, ଗଗନ ନାଥ, ବୁଲୁ ଦାନି, ମନିଷ ମିଶ୍ର, ରାଧେଶ୍ୟାମ ମେହେର ପ୍ରମୁଖ ସାମିଲ ହୋଇଥିଲେ। ପରିଦର୍ଶନ ସମୟରେ ସେମାନେ ଦେଖିବାକୁ ପାଇଥିଲେ ଯେ, ପ୍ରାୟତଃ ଜମିରେ ଧାନ ଗଛ ମରିବାକୁ ବସିଲାଣି । କେତେକ ସ୍ଥାନରେ ଚାଷ ଜମିରେ ଲୋକେ ଗୃହପାଳିତ ପଶୁ ଛାଡି ଦେଇଥିବା ଦେଖାଯାଇଥିଲା । ଚାଷ ଜମି ଫାଟି ଆଁ କରିଛି। କ୍ଷେତ୍ର ଅନୁଧ୍ୟାନ ପରେ ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ କୃଷକ ସେଲ ଅଧକ୍ଷ ପଟ୍ଟନାୟକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତିକୁ ଟାର୍ଗେଟ କରିବା ସହ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ପ୍ରମୁଖ ଦାବିଗୁଡି ହେଲା ହେଲା ୧୪ଟି ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, ଖରିଫ ଚାଷ ପାଇଁ ନେଇଥିବା ଋଣ ଛାଡ ସହ ରବି ପାଇଁ ଏକ ଲକ୍ଷ ଟଙ୍କାର ଋଣ ବିନା ସୁଧରେ ଦିଆଯାଉ । ମରୁଡି ଆକଳନ ପାଇଁ ସରକାର ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ ଏକ ଟାସ୍କଫୋର୍ସ ଗଠନ କରନ୍ତୁ। ଅଞ୍ଚଳରେ ଥିବା ଗଭୀର ନଳକୂପ, ଗୋଷ୍ଠୀ ଉଠା ଜଳସେଚନ ପଏଣ୍ଟକୁ ମରାମତି କରାଯାଉ। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଫସଲ ନଷ୍ଟ ହେଉଥିବା ଚାଷୀଙ୍କୁ କୃଷି ଇନ୍‌ପୁଟ ସହାୟତା ପ୍ରତି ଏକର ପିଛା କେନ୍ଦ୍ର ୩୦ହଜାର ଓ ରାଜ୍ୟ ସରକାର ୫୦ହଜାର ଟଙ୍କା ପ୍ରଦାନ କରୁ। ଏ ସବୁ ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ଚାଷୀଙ୍କୁ ନେଇ ପ୍ରଦେଶ କଂଗ୍ରେସ କୃଷକ ସେଲ ଗାଁରୁ ରାଜଧାନୀ ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ଅଧକ୍ଷ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

## ବିଙ୍ଗହ୍ୟୁମାନ ଫାଉଣ୍ଡେସନ ମହିଳା ଶାଖା ଉଦ୍‌ଘାଟିତ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର କଲ୍ୟାଣ ମଣ୍ଡପଠାରେ ବିଙ୍ଗହ୍ୟୁମାନ ଫାଉଣ୍ଡେସନର ମହିଳା ଶାଖା ଉଦ୍‌ଘାଟିତ ହୋଇଯାଇଛି । ସଭାରେ ବ୍ଲକ ସଭାପତି ସଂଯୋଗ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ଓଡିଶା କିନ୍ନର ମହାସଂଘ ସଭାପତି ମୀରା ପରିଡା, ସମାଜସେବୀ ସାଧନା ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ସୋମନାଥ ମିଶ୍ର, ଆଗଲପୁର ବ୍ଲକ ଉପଦେଷ୍ଟା ମନମୋହନ ପଟେଲ ମଞ୍ଚାସୀନ ହୋଇଥିଲେ । ସମାଜରେ ମହିଳାମାନେ କିଭଳି ଅଗ୍ରସର ହେଉଛନ୍ତି ତାହା ଉପରେ ଅତିଥିମାନେ ମତ ରଖିଥିଲେ । ଅସହାୟ ମହିଳାଙ୍କୁ ସହାୟକ ହେବା ପାଇଁ ଉକ୍ତ ମହିଳା ଶାଖା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଉପଦେଷ୍ଟା ମନମୋହନ ପଟେଲ କହିଥିଲେ। ଦେବାକୀ ସାହୁଙ୍କୁ ଶାଖା ସଭାନେତ୍ରୀ ଦାୟିତ୍ୱ ପ୍ରଦାନ କରଯାଇଥିଲା ।

# ଉଜୁଡ଼ା ଫସଲ ଦେଖିଲେ, ଚାଷୀଙ୍କ ସହ ଆଲୋଚନା

**ଟିଟିଲାଗଡ଼,୨୮।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ଚଳିତ ଖରିଫରେ ମରୁଡିର ପଦଧ୍ୱନି ଦେଖାଦେଇଛି। ଶନିବାର ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତିମନ୍ତ୍ରୀ ଟୁକୁନି ସାହୁ ବିଭାଗୀୟ ଅଧିକାରୀଙ୍କ ଗହଣରେ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଖୋଲାନ, ନାରେନ ପଞ୍ଚାୟତର ମରୁଡି ଅଞ୍ଚଳ ବୁଲି ଦେଖିଥିଲେ। ଚାଷୀଙ୍କ ସହ ଆଲୋଚନା କାଳରେ କାଳିଆ ଯୋଜନା ସହାୟତା ମିଳୁ ନ ଥିବା, ବୀମା ତଞ୍ଚକତା ନେଇ କେହି ଚାଷୀ ଫସଲ ବୀମା କରିବାର ଆଗ୍ରହ ପ୍ରକାଶ କରୁ ନ ଥିବା ମନ୍ତ୍ରୀ ଅବଗତ ହୋଇ ବିଭାଗୀୟ ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ।

ପରେ ସ୍ଥାନୀୟ ପୌରପରିଷଦ ସଭାଗୃହରେ ଟିଟିଲାଗଡ ଉପଜିଲାପାଳ ସତ୍ୟବାନ ମନୋଜ ମହାଜନଙ୍କ ଉପସ୍ଥିତିରେ ବିଭିନ୍ନ ସ୍ଥାନରେ ରହିଥିବା ଜଳସେଚନ ପ୍ରକଳ୍ପ, ତଥା ନିର୍ମାଣାଧୀନ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଥିଲେ। ତେବେ ଅନେକ ଉଠାଜଳସେଚନ ପ୍ରକଳ୍ପ ଅଚଳ ହୋଇପଡିଥିବା, ଜଳସେଚନ ଏବଂ କ୍ଷୁଦ୍ର ଜଳସେଚନ ବିଭାଗ ଡ୍ୟାମରେ ପାଣି ନ ଥିବା, କୋଉଠି କେନାଲ ଭୁଶୁଡି ଯାଇଥିବା ଅଭିଯୋଗ ହୋଇଥିଲା। କୋଟିକୋଟି ଟଙ୍କାରେ ଏଲଏଣ୍ଡଟି କମ୍ପାନୀ ପକ୍ଷରୁ ନିର୍ମିତ ମେଗା ଉଠାଜଳସେଚନ ପ୍ରକଳ୍ପଗୁଡିକର ସୁଫଳ ଠିକଣା ଭାବରେ ମିଳୁ ନ ଥିବା ମନ୍ତ୍ରୀଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ଟିଟିଲାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, ବିଜେଡି ନେତା ସୁରେନ୍ଦ୍ର ସାହୁ, ସଞ୍ଜୟ ବେହେରା, ସମିତି ସଭ୍ୟ କଦମ୍ବ ଠେଲା ଅଭିଯୋଗ କରିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଉଜୁଡା କେନାଲ ସଜଡା ବଦଳରେ ୩ କୋଟି ଟଙ୍କାରେ କେନାଲ କଡ ରାସ୍ତାରେ ମାଟିମୋରୁମ ବିଛା କାମ ହେବା ନେଇ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଅପରପକ୍ଷରେ କମ ସଂଖ୍ୟକ ଆଉଟଲେଟ ନିର୍ମାଣ ଯୋଗୁଁ ଶତାଧିକ କୋଟିଟଙ୍କା ଖର୍ଚ୍ଚ ପରେ ମଧ ବିଭିନ୍ନ ପ୍ରକଳ୍ପରୁ ଚାଷୀ ପାଣି ପାଇବାରୁ ବଞ୍ଚିତ ହେଉଥିବା ଜଣାଯାଇଛି। ଆଉ ବର୍ଷା ହେଲେ ମଧ ଧାନ ଫସଲ ଉଠିଆ ହେବାର ସମ୍ଭାବନ ନ ଥିବାରୁ ତୁରନ୍ତ ଚାଷୀଙ୍କୁ ସହାୟତା ଘୋଷଣା ପାଇଁ ବିଜେଡି ନେତା ନରେଶ ଅଗ୍ରୱାଲ ଦାବି କରିଛନ୍ତି। ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ପ୍ରେମ ଜୈନ, ଅରୁଣ ମିଶ୍ର, ଚନ୍ଦ୍ରବଦନ ପୁରୋହିତ, ହରିନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ମନ୍ତ୍ରୀ ଟୁକୁନି ସାହୁ ଖୋଲାନଠାରେ ଉଜୁଡା ଫସଲ ବୁଲି ଦେଖିବା ପରେ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

- ଜଳସେଚନ ପ୍ରକଳ୍ପ, ନିର୍ମାଣାଧୀନ ପ୍ରକଳ୍ପର ସମୀକ୍ଷା କଲେ ମନ୍ତ୍ରୀ
- ଉଠାଜଳସେଚନ ପ୍ରକଳ୍ପ ଅଚଳ
- କ୍ଷୁଦ୍ର ଜଳସେଚନ ବିଭାଗ ଡ୍ୟାମରେ ପାଣି ନାହିଁ
- ସହାୟତା ଘୋଷଣା ଦାବି କଲେ ଚାଷୀ

## ସଂକ୍ଷେପରେ

### ପୂଜା ମୃତ୍ୟୁ ମାମଲା, ସ୍ୱାମୀ ଦୋଷୀ ସାବ୍ୟସ୍ତ

**ଟିଟିଲାଗଡ଼,୨୮।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ଟାଙ୍ଗରପଡାର ପୂଜା ସୁନା ମୃତ୍ୟୁ ମାମଲାର ରାୟ ପ୍ରକାଶ ପାଇଛି। ଶନିବାର ସ୍ଥାନୀୟ ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ରାଜକୁମାର ଦାଶଙ୍କ ଅଦାଲତ ଅଭିଯୁକ୍ତ ସ୍ୱାମୀ ଅନିଲ ସିଂଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୀଡିତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସରକାରୀ ଅଧିବକ୍ତା ସୁଧିର ମିଶ୍ରଙ୍କ ସୂଚନା ମତେ ଗତ ତା୨୨।୬।୧୭ ରିଖ ରାତିରେ ପୂଜା ଘରେ ଶୋଇଥିବା ବେଳେ ତାଙ୍କ ସ୍ୱାମୀ ଅନୀଲ ବେକରେ ଓଢଣୀ ଭିଡି ହତ୍ୟା କରିଥିବା ଟିଟିଲାଗଡ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା(ନଂ. ୧୯୯/୨୧)ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିଲା। ଗିରଫ ପରଠାରୁ ଅନୀଲ ଟିଟିଲାଗଡ ଉପକାରାଗାରରେ ବିଚାରାଧୀନ କଏଦୀ ଭାବରେ ଅଛନ୍ତି। ପୋଲିସ ଚାର୍ଜସିଟ ତଥା ପାରିପାର୍ଶ୍ୱିକ ସ୍ଥିତିକୁ ବିଚାର କରି ଅଦାଲତ ଏହି ରାୟ ପ୍ରକାଶ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୧ରେ ଦଣ୍ଡ ରାୟ ଶୁଣାଣୀ ପାଇଁ ଦିବସ ଧାର୍ଯ୍ୟ ହୋଇଥିବା ସରକାରୀ ଅଧିବକ୍ତା ମିଶ୍ର ସୂଚନା ଦେଇଛନ୍ତି।

### କ୍ଷେତରୁ ମାଟି ଉଠୁନି, ମିଳୁନି କ୍ଷତିପୂରଣ

**ଲାଠୋର,୨୮।୮(ଡି ଏନ ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅନ୍ତର୍ଗତ ତଲିପଡାରେ ଥିବା ମହାବନ୍ଧର ମାଟି ଉନ୍ନତୀକରଣ କରାଯାଉଛି। ଉଠାଯାଇଥିବା ମାଟି ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଜମିରେ ପକାଇ ଦିଆଯାଇଛି। ଜମିର ୭୫ପ୍ରତିଶତ ଅଂଶ ମାଟିରେ ଢାଙ୍କି ହୋଇଯିବାରୁ ଚଳିତବର୍ଷ ସେ ଫସଲ କରି ପାରିନାହାନ୍ତି। କ୍ଷତିଗ୍ରସ୍ତ ଚାଷୀ ତଲିପଡାର କାଳିଆ ମେହେର ଏ ନେଇ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କୁ ଗତ ୧୮ତାରିଖରେ ଫେରାଦ ହୋଇଥିଲେ। ଇତିମଧରେ ୧୦ଦିନ ବିତିଯାଇଥିଲେ ବି ପ୍ରଶାସନ ତାଙ୍କୁ କ୍ଷତିପୂରଣ ପ୍ରଦାନ କରିନାହିଁ କିମ୍ବା ମାଟି ଉଠାଇନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ସମସ୍ୟାର ସମାଧାନ ପାଇଁ ସରପଞ୍ଚଙ୍କୁ କୁହାଯାଇଛି। ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ସରପଞ୍ଚ ପ୍ରବୀଣ ଅଗ୍ରୱାଲ।

### ସିଆରପିଏଫ୍‌ର ଜନ ସମ୍ପର୍କ ଶିବିର

**ଖପ୍ରାଖୋଲ,୨୮।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅନ୍ତର୍ଗତ ସୁନାମଦୀ ଗାଁରେ ସିଆରପିଏଫ୍ ୧୮୯ ବାଟଲିଅନ ତରଫରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। କମାଣ୍ଡାଣ୍ଟ ଯୁଗେନ୍ଦ୍ର ସିଂ ମୋର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଶିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖବିନ୍ଦର ସିଂ, ବିଶ୍ୱାବସୁ ଶବର ସଂଘ ବ୍ଲକ ସଭାପତି ବସନ୍ତ ନାଗ, ଆଞ୍ଚଳିକ କେନ୍ଦ୍ର ଅଧ୍ୟକ୍ଷ ନୃପ ନାଗ, ଟଙ୍କପାଣି ସରପଞ୍ଚ ଉତ୍ତର କୁମାର ଭୋଇ, ଅର୍ଜୁନ ବାଗ, ବୈବସ୍ୱତ ବାଗ, ରବିନ୍ଦ୍ର ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ତିନିମାସର କମ୍ପ୍ୟୁଟର ତାଲିମ ନେଇଥିବା ୨୦ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ କମ୍ପ୍ୟୁଟର ତାଲିମ ଓ ଜନସମ୍ପର୍କ କାର୍ଯ୍ୟକ୍ରମ ହାତକୁ ନିଆଯିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।

### ଜୀବନବିନ୍ଦୁ କାର୍ଯ୍ୟକ୍ରମ

**ଲୋଇସିଂହା,୨୮।୮(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଫଟକରା ଗ୍ରାମରେ ବିଜୁ ମହିଳା ଜନତାଦଳ ଓ ଓଡିଶା ମୋ ପରିବାର ଆନୁକୁଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କେବଳ ମହିଳାମାନେ ରକ୍ତଦାନ କରିଥିଲେ। ମୋଟ ୩୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ମହିଳା ସଭାନେତ୍ରୀ ଦମୟନ୍ତୀ ବାଗ ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ରେବତୀ ନାଏକ, ଗୀତାଞ୍ଜଳି ସେଠ, ସନ୍ତୋଷିନୀ ବେହେରା, ଜ୍ୟୋତ୍ସ୍ନାମୟୀ ବାଗ, ବବିତା ପୁଟେଲ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ । ଓଡିଶା କିନ୍ନର ମହାସଂଘ ସଭାପତି ମୀରା ପରଡା ଓ ବିଙ୍ଗହ୍ୟୁମାନ ଫଉଣ୍ଡେସନ ସଭାପତି ସୋମନାଥ ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେଯୋଗଦେଇଥିଲେ। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ଓ ଫଟକାର ଦୁର୍ଗେଶ୍ୱରୀ କ୍ଲବ ସଦସ୍ୟମାନେ ଶିବିର ଆୟୋଜନରେ ସହଯୋଗ କରିଥିଲେ।

# ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଗଣଦୌଡ଼

**ସୋନପୁର,୨୮।୮(ନି.ପ୍ର.)**

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଏକ ସୁସ୍ଥ ଗଣଦୌଡ ସେପ୍ଟେମ୍ବର ୪ ତାରିଖ ଅନୁଷ୍ଠିତ ହେବ ବୋଲି ସୋନପୁର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରର ସୁବର୍ଣ୍ଣପୁର ଜିଲା ଇନ୍‌ଚାର୍ଜ ବୀରେନ୍ଦ୍ର ସିଂ ବୋକେନ ଏହା ଜଣାଇଛନ୍ତି। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାରଙ୍କ ପକ୍ଷରୁ ସମଗ୍ର ଦେଶରେ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସୋନପୁରରେ ଜିଲାସ୍ତରୀୟ ସୁସ୍ଥ ଗଣଦୌଡ ସ୍ଥାନୀୟ ରୟାଲ ପଡିଆଠାରୁ ସକାଳ ୮ଟା ବେଳେ ଆରମ୍ଭ ହେବ। କୋଭିଡ କଟକଣା ଅନୁଯାୟୀ ଏହି ସୁସ୍ଥ ଗଣଦୌଡ କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱଣେ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିବେ। ଏହି କାର୍ଯ୍ୟକ୍ରମ ଦ୍ୱାରା ସାରା ଭାରତରେ ସୁସ୍ଥତା ପାଇଁ ଏକ ଆନ୍ଦୋଳନ ସୃଷ୍ଟି ହୋଇପାରିବ। ଏହି ପରିପ୍ରେକ୍ଷୀରେ ଜିଲାର ୭୫ଟି ଗ୍ରାମରେ ସୁସ୍ଥ ଦୌଡ କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ। ନେହେରୁ ଯୁବକେନ୍ଦ୍ର ସୋନପୁର ତରଫରୁ ଜନସାଧାରଣଙ୍କୁ ପ୍ରତ୍ୟହ ଶାରୀରିକ ବ୍ୟାୟାମ କରି ସୁସ୍ଥ ରହିବା ପାଇଁ ଅନୁରୋଧ କରାଯାଇଛି।

# ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ଚିନ୍ତା


ମହାନଦୀରେ ମାଛ ଯାଆଁଳ ଛଡାଯାଉଛି ।

**ବିନିକା,୨୮।୮(ଡି.ଏନ.ଏ)**

**ମହାନଦୀରେ ଛଡାଗଲା ମାଛ ଯାଆଁଳ**

ମହାନଦୀ ଗର୍ଭରେ ଡିନାମାଇଟ୍ ଦ୍ୱାରା ବେଆଇନ ବ୍ଲାଷ୍ଟିଂ କରି ମାଛ ମାରିବା ଦ୍ୱାରା ମାଛବଂଶ ଲୋପ ପାଇବାରେ ଲାଗିଛି। ଶିଳ୍ପାନୁଷ୍ଠାନ ଓ ସହରର ବର୍ଜ୍ୟବସ୍ତୁ ଛଡାଯିବା କାରଣରୁ ନଦୀରେ ଜୈବ ବିବିଧତା ହ୍ରାସ ପାଉଛି। ଏହାଦ୍ୱାରା ନଦୀକୂଳରେ ବସବାସ କରୁଥିବା ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡୁଛି। ତେଣୁ ମହାନଦୀରେ ମତ୍ସ୍ୟ ସମ୍ପଦର ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡଙ୍କ ସହଯୋଗରେ ମତ୍ସ୍ୟ ବିଭାଗ ପକ୍ଷରୁ ମହାନଦୀରେ ମତ୍ସ୍ୟସମ୍ପଦ ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଉନ୍ନତ ମାଛ ଯାଆଁଳ ଛାଡିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଶନିବାର ବିନିକା ସହର ପାପକ୍ଷୟଘାଟ ସ୍ଥିତ ରହିଲାଠାରେ ମହାନଦୀ ମୁଖ୍ୟସ୍ରୋତରେ ଉନ୍ନତ ମାନର ଭାକୁର, ରୋହି, ମିରିକାଳି, ଗ୍ରାସ କ୍ରାପ ଓ କଳାବଇଁଶୀ ଯାଆଁଳ ମୁଖ୍ୟସ୍ରୋତରେ ଛଡାଯାଇଛି। ବିନିକା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ, ବିନିକା ସହକାରୀ ମତ୍ସ୍ୟ ଅଧିକାରୀ ସ୍ନିଗ୍ଧାରାଣୀ କହଁର, ଯାଆଁଳ ଉତ୍ପାଦନ କେନ୍ଦ୍ରର ସୁଧୀର କୁମାର ପ୍ରଧାନ ଓ ସ୍ଥାନୀୟ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲାର ବିନିକା ଓ ସୋନପୁରରେ ୪ ଲକ୍ଷ ଯାଆଁଳ ଛଡାଯିବ ବୋଲି ଜିଲା ମତ୍ସ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ମତ୍ସ୍ୟ ବିଭାଗର ଏହି ପ୍ରୟାସକୁ ସ୍ଥାନୀୟ ମତ୍ସ୍ୟଜୀବୀ ପ୍ରଶଂସା କରିଛନ୍ତି।

# ଗୋଲାମୁଣ୍ଡା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି

**ଗୋଲାମୁଣ୍ଡା,୨୮।୮**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା ଦାବିରେ ବ୍ଲକ ବିଜେଡି ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତବର୍ଷ ଏହି ଅଞ୍ଚଳରେ ଅନାବୃଷ୍ଟି ଯୋଗୁ ଧାନ ଚାଷ ପ୍ରଭାବିତ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୫୦ ପ୍ରତିଶତରୁ ଅଧିକ ଚାଷ ଜମିରେ ରୁଆ ବେଉଷଣ କାର୍ଯ୍ୟ ହୋଇ ନ ଥିବା ବେଳେ ଅନେକ ଚାଷୀଙ୍କ ଧାନ ଚାଷ ନଷ୍ଟ ହୋଇଗଲାଣି। କାଁ ଭାଁ କେତେକ ଜମିରେ ରୁଆ କାର୍ଯ୍ୟ ହୋଇଥିଲେ ସୁଦ୍ଧା ଜମିରେ ପାଣି ନ ଥିବାରୁ ଜମି ଫାଟି ଆଁ କଲାଣି। ଅନେକ ଚାଷୀ ଧାନ ରୋଇବା ପାଇଁ ପଲ୍ଲା ପକାଇଥିଲେ ମଧ ବର୍ଷା ଅଭାବରୁ ତାହା ବିଲରେ ରୋଇବା ଅବସ୍ଥାରେ ନାହିଁ। ଏଣୁ ଗୋଲାମୁଣ୍ଡା ବ୍ଲକର ଚାଷୀ ଓ କୃଷି ଶ୍ରମିକଙ୍କ ସ୍ୱାର୍ଥ ଦୃଷ୍ଟିରୁ ବ୍ଲକକୁ ମରୁଡି ଘୋଷଣା କରିବାକୁ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ପ୍ରଭାସ ବୁଡାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ଦେବା ସମୟରେ ବିଜେଡି ଜିଲା ସମ୍ପାଦକ ଇଂ. ଦିନେଶ କୁମାର ରାଉତ, ବ୍ଲକ ଅଧ୍ୟକ୍ଷ ତୁଲେଶ୍ୱର ନାଏକ, ବ୍ଲକ ସଭାପତି ଦୟା ସାଗର ଚଲାନ, ମଙ୍ଗରାଜ ଖୁଣ୍ଟିଆ, ବିଜୁ ଛାତ୍ର ଜନତା ଦଳ ସଭାପତି ଟୁଟୁ ମଙ୍ଗରାଜ, ନିୟମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ବିଜେଡି କର୍ମକର୍ତ୍ତା ସମ୍ମିଳନୀ



ମହିଳା କର୍ମକର୍ତ୍ତା ସମ୍ମିଳନୀରେ ମଞ୍ଚାସୀନ ନେତ୍ରୀମାନେ।

**ସୋନପୁର,୨୮।୮(ନି.ପ୍ର.)**

ସୋନପୁର ସହର ଘୋଡାଘାଟପଡାସ୍ଥିତ କଲ୍ୟାଣ ମଣ୍ଡପରେ ବିଜୁ ଜନତା ଦଳର ମହିଳା କର୍ମକର୍ତ୍ତା ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀସ୍ତରୀୟ ଏହି କର୍ମକର୍ତ୍ତା ସମ୍ମିଳନୀରେ ଶତାଧିକ ମହିଳା କର୍ମକର୍ତ୍ତା ଓ ନିର୍ବାଚିତ ଲୋକପ୍ରତିନିଧି ଯୋଗ ଦେଇଥିଲେ। ମହିଳା ବିଜେଡିର ସୁବର୍ଣ୍ଣପୁର ଜିଲା ଶାଖା ସଭାନେତ୍ରୀ ପଦ୍ମିନୀ ବଘାର ସଭାରେ ଅଧକ୍ଷତା କରିଥିଲେ। ମହିଳା ବିଜେଡି ରାଜ୍ୟ ଉପସଭାପତି ତଥା ସୁବର୍ଣ୍ଣପୁର ଜିଲା ମହିଳା ବିଜେଡି ପର୍ଯ୍ୟବେକ୍ଷକ ପ୍ରଭାସିନୀ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ଓ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା କ୍ଷେତ୍ରରେ ସରକାରଙ୍କ ପ୍ରୟାସ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯିବା ଉପରେ ମୁଖ୍ୟ ଅତିଥି ନନ୍ଦ ଗୁରୁତ୍ୱାରୋପ କରିଥିଲେ। ବିଜେଡି ଜିଲା ସଭାପତି ସରୋଜ କମ୍ପ, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ସୌଦାମିନୀ ଜେନା, ସୋନପୁର ପଞ୍ଚାୟତ ସମିତି ଅଧକ୍ଷା ମନ୍ଦାକିନୀ ନାଗ, ତରଭା ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ମଲ୍ଲିକ, ମିନତୀ ସାହୁ, ରୀପଞ୍ଜଳି ପାତ୍ର, ପ୍ରଭାସିନୀ ମିଶ୍ର, ଅନିତା ମେହେର, ଗୀତାଞ୍ଜଳି ସାହୁ ପ୍ରମୁଖ ଦଳକୁ ତୃଣମୂଳ ସ୍ତରରେ ସଂଗଠିତ କରିବା ସହ ଆସନ୍ତା ପଞ୍ଚାୟତ ଓ ଅର୍ବାନ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ନେତା କଇରୁ ସ୍ୱାଇଁ, ଅଭିମନ୍ୟୁ କୁଶଳ, ନୀଳାମ୍ବର ଶତପଥୀ, ଶାଶ୍ୱତ କୁମାର ମିଶ୍ର, ଜନ୍ମେଜୟ ପାତ୍ର, ପ୍ରକାଶ ସାହୁ ଓ ପ୍ରକାଶ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଷା ପାଇଁ ଇନ୍ଦ୍ର ପୂଜା

**ବୌଦ୍ଧ,୨୮।୮(ସ୍ୱ.ପ୍ର.)**

ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକ ଅନ୍ତର୍ଗତ ବିରାମଚନ୍ଦ୍ରପୁର ଗ୍ରାମରେ ବର୍ଷା ପାଇଁ ଶନିବାର ଦିନ ଇନ୍ଦ୍ର ପୂଜା କରାଯାଇଛି। ଗ୍ରାମ ସଭାପତି ବୁଦ୍ଧିସଗାର ମିଶ୍ରଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ଦ୍ୱାରା ଇନ୍ଦ୍ରଦେବକୁ ସନ୍ତୁଷ୍ଟ କରିବାକୁ ପୂର୍ବାହ୍ନରେ ପୂଜା ଆରମ୍ଭ କରାଯାଇଥିଲା। କର୍ତ୍ତା ଭାବରେ ଗ୍ରାମ ସଭାପତି ମିଶ୍ର ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବରେ ଚିତ୍ତ ରଞ୍ଜନ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ଜମିଗୁଡିକରେ ତଳି ମରିବାକୁ ବସିଥିଲା ବେଳେ ଆଗାମୀ ଦିନେ ଦୁଇଦିନ ମଧ୍ୟରେ ଭଲ ବର୍ଷା ନ ହେଲେ ମରୁଡି ନିଶ୍ଚିତ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଏହି ପୂଜା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା ।

# ବିରୋଧୀ ଦଳ ନେତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଲେ ସ୍ଥାନୀୟ ସରପଞ୍ଚ

**କୁନାଗଡ,୨୮।୮(ଡି.ଏନ୍.ଏ.)**

ଦୀର୍ଘ ଦିନ ହେବ କରୋନାରେ ଆକ୍ରାନ୍ତ ହୋଇ ଓଡିଶା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସିତ ହେଉଥିଲେ। ଏବେ ସେ ସୁସ୍ଥ ହେବା ପରେ ଏମ୍ସର ଅତିଥି ଭବନରେ ରହୁଛନ୍ତି। ଶନିବାର ସରପଞ୍ଚ ସୁଧୀରା ମେହେର ତାଙ୍କୁ ଭେଟିଛନ୍ତି। ସରପଞ୍ଚ ମେହେର ନାଏକଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ବିରୋଧୀ ଦଳ ନେତାଙ୍କ ଗ୍ରାମ କୁନାଗଡ ବ୍ଲକ ଚିଟୈଗୁଡା ପଞ୍ଚାୟତ ନୂଆଗୁଡା ହେଇଥିବା ବେଳେ ଉକ୍ତ ପଞ୍ଚାୟତର ସରପଞ୍ଚ ସୁଧୀରା ମେହେର ରହିଛନ୍ତି। ସରପଞ୍ଚ ମେହେରଙ୍କ ସହ ସାମାଜିକ କର୍ମୀ ଅର୍ଜୁନ ଦାଶ, ଜ୍ଞାନ ମେହେର, କାମଦେବ ନାଏକ, କୁମୁଦ ବିଶି, ମାନସ ସୁନାନୀ ଉପସ୍ଥିତ ଥିଲେ।

# ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ



ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୋନପୁର/ବିନିକା, ୨୮।୮(ନି.ପ୍ର./ଡି.ଏନ.ଏ)**

**ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ ପାଳିତ**

ସୁବର୍ଣ୍ଣପୁର ଜିଲା ବିନିକା ପିତେଇପାଲି କାମଧେନୁ ଗୋ ସେବାଶ୍ରମରେ ଭାରତୀୟ ମଜଦୁର ସଂଘ(ବିଏମ୍ଏସ) ଜିଲା ଶାଖା ତରଫରୁ ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ ଶନିବାର ପାଳିତ ହୋଇଯାଇଛି। ବିଏମ୍ଏସ ଜିଲା ସଭାପତି ଉମ୍ବୁରୁଧର ମେହେର ସଭାରେ ଅଧକ୍ଷତା କରିଥିଲେ। ସମ୍ପାଦକ ସୂର୍ଯ୍ୟକାନ୍ତ ରାଉଳ, ସହସମ୍ପାଦକ ଶିବନାରାୟଣ ପଣ୍ଡା, ଉପସଭାପତି ଅର୍ଜୁନ ବାଦି, କୋଷାଧକ୍ଷ ନବକିଶୋର ମିଶ୍ର ଓ ଉପସଭାନେତ୍ରୀ ମମତା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶର ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଗୋସେବାଶ୍ରମର ମୁଖ୍ୟ ପରିଚାଳକ ବିନୋଦ ପର୍ଡିଆ, ଶମ୍ଭୁପ୍ରସାଦ ଖମାରୀ, ହାଡିବନ୍ଧୁ ଖମାରୀ, ନରସିଂହ ପ୍ରସାଦ ନାୟକ ଓ ଭାରତୀୟ ମଜଦୁର ସଂଘ ଜିଲା ଶାଖା କମିଟି ସଭ୍ୟ ସୁରୁବାବୁ ପ୍ରଧାନ, ପ୍ରଦୀପ କୁମାର ସାହୁ, ଅନ୍ତର୍ଯ୍ୟାମୀ ବଣ୍ଡକି, ଉମାକାନ୍ତ ସାହୁ, ଦେବରାଜ ବେହେରା, ସୁଦାମ ଡାଙ୍ଗ ଓ ଗୁରୁବାରୀ ସେଠୀ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଭାରତମାତା, ବିଶ୍ୱକର୍ମା ଓ ବିଏମ୍ଏସର ପ୍ରତିଷ୍ଠାତା ଦତ୍ତୋପନ୍ତ ଠେଙ୍ଗଡିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରାଯିବା ସହ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ ନିମିତ୍ତ ସଙ୍କଳ୍ପ ସମାବେଶ ଆୟୋଜନ ହୋଇଥିଲା।

# କୁଇବାହାଲ ହାଇସ୍କୁଲ ପରିଦର୍ଶନ କଲେ ଅର୍ଥମନ୍ତ୍ରୀ


ମନ୍ତ୍ରୀ ନିରଞ୍ଜନ ପୂଜାରୀ କୁଇବାହାଲ ହାଇସ୍କୁଲ ପରିଦର୍ଶନ କରୁଛନ୍ତି।

**ବିନିକା,୨୮।୮(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କୁଇବାହାଲ ଓ ସିନ୍ଧୁରପୁର ହାଇସ୍କୁଲ ହେବ ସ୍ମାର୍ଟସ୍କୁଲରେ ରୂପାନ୍ତରଣ। ଶନିବାର ରାଜ୍ୟ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ କାର୍ଯ୍ୟ ତଦାରଖ କରିବା ଉଦ୍ଦେଶ୍ୟରେ କୁଇବାହାଲ ହାଇସ୍କୁଲର ପରିଦର୍ଶନ କରିଥିଲେ । ସମ୍ପୃକ୍ତ ଯନ୍ତ୍ରୀ ଏବଂ କୁହିବାହାଲ ହାଇସ୍କୁଲ ପ୍ରଧାନଶିକ୍ଷକ କରୁଣାକର ବିଶ୍ୱାଳଙ୍କୁ ସମୟ ଅବଧି ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ସହ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ଦୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ବିଡିଓ ବ୍ୟାସଦେବ ବେହେରା, ସହକାରୀ ଯନ୍ତ୍ରୀ ଅନୁପମା ଗଣି, ପ୍ରଧାନଶିକ୍ଷକ ବିଶ୍ୱାଳ ଉପସ୍ଥିତ ଥିଲେ।

# ସିଟ୍ ସଂଖ୍ୟାଠୁ ଅଧିକ ୫୮୭ ପଢ଼ିବେ କେଉଁଠି

**ଅମରପାଲି,୨୮।୮(ଡି.ଏନ.ଏ.)**

**ବୀରମହାରାଜପୁର ବ୍ଲକ**
- +୨ ରେ ନାମ ଲେଖାରେ ଦେଖା ଦେଇପାରେ ସମସ୍ୟା
- ନୂତନ କଲେଜ ଖୋଲିବାକୁ ଦାବି

ସମ୍ପ୍ରତି +୨ ନାମ ଲେଖା ପାଇଁ ଚାଲିଛି ଅନଲାଇନ ଆବେଦନ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ସମସ୍ତ କଲେଜରେ ଏହି ପ୍ରକ୍ରିୟା ଚାଲିଛି। ସେପ୍ଟେମ୍ବର ୫ତାରିଖ ପର୍ଯ୍ୟନ୍ତ ଅନଲାଇନ ଆବେଦନ ପ୍ରକ୍ରିୟା ହେବାକୁ ଥିବା ବେଳେ ନିଜ ବ୍ଲକ ର ବିଭିନ୍ନ +୨ କଲେଜ ରେ ନାମଲେଖାଇବା ପାଇଁ ଚୟନ ହେବେ ନା ନାହିଁ ଛାତ୍ରୀଛାତ୍ର ଆଶାଆଶଙ୍କାରେ ଅଛନ୍ତି।

ଚଳିତ ବର୍ଷ କରୋନା ପାଇଁ ମାଟ୍ରିକ ବୋର୍ଡ ପରୀକ୍ଷା ହୋଇ ପାରି ନ ଥିଲା। ତେଣୁ ନବମ ବାର୍ଷିକ ପରୀକ୍ଷା ଓ ଦଶମ ପ୍ରାକ୍ଟିସ ଟେଷ୍ଟ ଫଳାଫଳକୁ ଦେଖି ଫଳ ପ୍ରକାଶ ପାଇଲା। ତେଣୁ ପ୍ରାୟ ସବୁପିଲା ପାସ୍ କରିଛନ୍ତି। ବୀରମହାରାଜପୁର ବ୍ଲକରେ ଥିବା ୫ଟି +୨ କଲେଜରେ କଳା, ବିଜ୍ଞାନ ଓ ଭୋକେଶନାଲ ପାଇଁ ୧୧୩୬ଟି ସିଟ ରହିଛି। ହେଲେ ବ୍ଲକର ୨୧ ହାଇସ୍କୁଲର ମୋଟ ୧୭୨୩ ଛାତ୍ରୀଛାତ୍ର ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେଣୁ ପାସ୍ କରିଥିବା ଅଧିକ ୫୮୭ଜଣ ଛାତ୍ରୀଛାତ୍ର କେଉଁଠି ପଢିବେ ସେନେଇ ଆଶଙ୍କା ପ୍ରକାଶ ପାଇଛି। ବୀରମହାରାଜପୁର କଲେଜରେ ୬୪ ସିଟ ବିଜ୍ଞାନ. ୪୮ ସିଟ ଭୋକେଶନାଲ, କଳା ପାଇଁ ୨୬୪ଟି ସିଟ, ଭୁଡିଆପାଲି ପରମେଶ୍ୱରୀ ହାୟର ସେକେଣ୍ଡାରି ସ୍କୁଲରେ ୨୫୬, ସୁବଳୟା ଜୁନିଅର କଲେଜରେ ୧୨୮ଟି ସିଟ କଳା ପାଇଁ ରହିଛି। ଉଭୟ ବୀରମହାରାଜପୁର ମହିଳା କଲେଜ ଓ ଖଣ୍ଡହତା ରବିନ୍ଦ୍ର ନାଥ ଜୁନିଅର କଲେଜରେ ପୂର୍ବରୁ ୧୨୮ ଲେଖାଏଁ ସିଟ ଥିଲା। ଚଳିତ ବର୍ଷ ୬୪ଟି ଲେଖାଏଁ ସିଟ ବଢି ୧୯୨ଟି ଲେଖାଏ ହୋଇଛି। କଳା,ବିଜ୍ଞାନ ଓ ଭୋକେଶନାଲକୁ ମିଶାଇ ବ୍ଲକର ସମସ୍ତ ୫ କଲେଜରେ ୧୧୩୬ଟି ସିଟ୍ ଅଛି। ବ୍ଲକରେ ଏଯାଏ ବାଣିଜ୍ୟ ପଢିବା ପାଇଁ କୌଣସି କଲେଜରେ ସୁବିଧା ନାହିଁ। ଏବେ ଅଧିକ ସଂଖ୍ୟକ ପିଲା ମାଟ୍ରିକରେ ପାସ କରୁଥିବାରୁ ଅଞ୍ଚଳରେ ନୂତନ +୨ କଲେଜ ଖୋଲିବାକୁ ଶିକ୍ଷାବିତ ମହଲରେ ଦାବି ହେଉଛି। ଏହା ସହିତ କିଭଳି ଭାବରେ ପାସ କରିଥିବା ସବୁ ପିଲା ନାମ ଲେଖାଇ ପାରିବେ ସେ ନେଇ ଶିକ୍ଷାବିଭାଗ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।